### ସାବିତ୍ରୀ ବାଈ ଫୁଲେଙ୍କ ଜନ୍ମ ଦିବସ ସମାରୋହ ଉଦ୍‌ଯାପିତ

କଣ୍ଟାବାଞ୍ଜି,(ଡି.ଏନ.ଏ.): ବଲାଙ୍ଗୀର ଜିଲା କୋଶଳେଶ୍ୱର ମାଲି ସମାଜ ବିକାଶ ପରିଷଦ ପକ୍ଷରୁ କଣ୍ଟାବାଞ୍ଜି କୁକୁଡ଼ାହାଡ଼ ଗାଁରେ ଦୁଇଦିନ ଧରି ଚାଲିଥିବା ସାବିତ୍ରୀବାଈ ଫୁଲେଙ୍କ ୧୯୨ତମ ଜନ୍ମବାର୍ଷିକ ସମାରୋହ ବୁଧବାର ଶେଷ ହୋଇଛି। ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏପରିକି ସମାଜର କେତେକ ଭିନ୍ନକ୍ଷମଙ୍କୁ ଟ୍ରାଏ ସାଇକେଲ ବଣ୍ଟନ କରାଯାଇଥିଲା। ଜିଲା ସଭାପତି କାର୍ତ୍ତିକ ପୁଟେଲଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପୌରାଧ୍ୟକ୍ଷା-ନିର୍ବାହୀ ଅଧିକାରୀ ମୁହାଁମୁହିଁ

**ଇନ୍ଦିରାନଗରରେ ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା**

- ନୋଟିସ୍ ଦେବାକୁ ଯାଇଥିଲା ମ୍ୟୁନିସିପାଲିଟି ଟିମ୍
- ଇଓଙ୍କୁ ଘେରାଓ କଲେ ପଡ଼ାବାସୀ
- ଲୋକଙ୍କ ବିରୋଧ ପରେ ଫେରିଲା ଟିମ୍
- ଜବରଦଖଲ ଉଚ୍ଛେଦ ହେଉନି ବୋଲି ୨୨ କୋଟି ଅନୁଦାନ ପଡ଼ିରହିଛି

ବଲାଙ୍ଗୀର ଅଫିସ, ୪।୧

ବଲାଙ୍ଗୀର ସହରରେ ଏବେ ଜବରଦଖଲ ଉଚ୍ଛେଦକୁ ନେଇ ମ୍ୟୁନିସିପାଲିଟି ହରଡ଼ଘଣାରେ ପଡ଼ିଛି। ଖୋଦ୍ ପୌର ପରିଷଦ କାଉନସିଲ ଏବଂ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ (ଇଓ) ତଥା କର୍ମଚାରୀଙ୍କ ଭିତରେ ମୁହାଁମୁହିଁ ସ୍ଥିତି ଉପୁଜିଛି। ବୁଧବାର ଜବରଦଖଲ ଉଚ୍ଛେଦ କରିବାକୁ ନିର୍ବାହୀ ଅଧିକାରୀ ଏବଂ ତାଙ୍କ ଟିମ୍ ନୋଟିସ ଦେବାକୁ ଆସିଥିବାବେଳେ ତାଙ୍କ ପଛେ ପଛେ ପୌରାଧ୍ୟକ୍ଷା ଏବଂ କେତେକ କାଉନସିଲର ସେଠାରେ ପହଞ୍ଚି ଜବରଦଖଲ ଉଚ୍ଛେଦ ନ କରିବାକୁ କହିଥିଲେ। ପୌରାଧ୍ୟକ୍ଷା-ଇଓ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା।

ବୁଧବାର ମହାରାଣୀ ସାଗର ଜବରଦଖଲ ଉଚ୍ଛେଦ ଉଚ୍ଛେଦ ସଂକ୍ରାନ୍ତରେ ନୋଟିସ୍ ଦେବାକୁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସାମିରେଡ୍ଡି ଜୟଶ୍ରୀ ଓ କର୍ମଚାରୀମାନେ ଇନ୍ଦିରାନଗର ଓ ଇଚ୍ଛାପଡ଼ା ଅଞ୍ଚଳକୁ ଯାଇଥିଲେ। ସେଠାରେ ଡାକବାଜି ଯନ୍ତ୍ରରେ ୨୪ଘଣ୍ଟା ଭିତରେ ସରକାରୀ ଜମି ଖାଲି କରିବାକୁ ନୋଟିସ୍ ଦିଆଯାଉଛି ଏବଂ ନିର୍ଦ୍ଧାରିତ ସମୟରେ ଜମ ଖାଲି ନକଲେ ପ୍ରଶାସନ ବାଧହୋଇ ଜବରଦଖଲ ଉଚ୍ଛେଦ କରିବ ବୋଲି ଶୁଣାଇଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଥିଲା। ଇନ୍ଦିରାନଗର, ଇଚ୍ଛାପଡ଼ାର ମହିଳା ଓ ପୁରୁଷମାନେ ସେଠାରେ ରୁଣ୍ଡ ହୋଇଥିଲେ। ସେମାନେ ଇଓ ଜୟଶ୍ରୀଙ୍କ ଗାଡ଼ିକୁ ଘେରାଉ କରି ରଖିଥିଲେ। କିଛି ସମୟ ପରେ ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ ଓ କେତେଜଣ ବିଜେଡି କାଉନସିଲର ଇଚ୍ଛାପଡ଼ା-ଇନ୍ଦିରାନଗରରେ ପହଞ୍ଚିଥିଲେ। ପୌରାଧ୍ୟକ୍ଷା ସାହୁ ନିର୍ବାହୀ ଅଧିକାରୀ ସାମିରେଡ୍ଡିଙ୍କୁ କାହା ଆଦେଶରେ ଏବଂ ତାଙ୍କ ବିନା ଜ୍ଞାତରେ କିଭଳି ନୋଟିସ ଦେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଇଓ କିଛି କହିପାରି ନ ଥିଲେ। କାଉନସିଲର ମଧ୍ୟ ଇଓଙ୍କୁ ପ୍ରଶ୍ନ କରିଥିଲେ। ମ୍ୟୁନିସିପାଲିଟି କାଉନସିଲ ଅଯଥା ଜବରଦଖଲ ଉଚ୍ଛେଦକୁ ମନା କରୁଥିବାବେଳେ ଇଓ କିଭଳି ଏଠାକୁ ଆସି ୨୪ ଘଣ୍ଟିଆ ନୋଟିସ୍ ଜାରି କରୁଛନ୍ତି ବୋଲି କହିଥିଲେ। ଏହାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପଡ଼ାବାସୀ ନୋଟିସ ଦେବାକୁ ଆସିଥିବା ମ୍ୟୁନିସିପାଲିଟି ଟିମ୍‌କୁ ଜୋରଦାର ବିରୋଧ କରିଥିଲେ। ଇଓ ଜୟଶ୍ରୀ ନିଜ ଅଫିସ ଗାଡ଼ି ଭିତରେ ବସି ରହିଥିଲେ। ତାଙ୍କୁ ପୋଲିସ ସୁରକ୍ଷା କର୍ମୀ ଘେରି ରହିଥିଲେ। ଏହାପରେ ଇଓ ଏବଂ ମ୍ୟୁନିସିପାଲିଟି ଟିମ୍ ସେଠାରୁ ଫେରିଯାଇଥିଲେ। ପଡ଼ାବାସୀ କୌଣସି ପ୍ରକାର ଜବରଦଖଲ ଉଚ୍ଛେଦ କରାଯିବ ନାହିଁ ବୋଲି କହିଛନ୍ତି।

ମହାରାଣୀ ସାଗର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ୨୨ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ଏନ୍‌ବିସିସି କମ୍ପାନୀ ଇତିମଧ୍ୟରେ ମହାରାଣୀ ସାଗରର ସର୍ଭେ ଏବଂ ପାଣି ମାପ କରିଛନ୍ତି। ଗତବର୍ଷ ଜାନୁୟାରୀ ୭ ତାରିଖରେ ଜିଲାପାଳ ଚଞ୍ଚଳ ରାଣାଙ୍କ ଉପସ୍ଥିତିରେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଏହି ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ। ଗତପ୍ରାୟ ୧ ବର୍ଷ ହେବ ଏହି ପ୍ରକଳ୍ପ ପାଇଁ ଅନୁଦାନ ରହିଥିଲେ ମଧ୍ୟ କାମ ଆରମ୍ଭ ହେଉନାହିଁ। ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ହେଲେ ଏକ ବଡ଼ଧରଣର ଜବରଦଖଲ ଉଚ୍ଛେଦ କରିବାକୁ ପଡ଼ିବ। ଏହାକୁ ନେଇ ଏବେ ମ୍ୟୁନିସିପାଲିଟି କାଉନସିଲ ଏବଂ ଏକ୍‌ଜିକ୍ୟୁଟିଭ ମୁହାଁମୁହିଁ ସ୍ଥିତିରେ ରହିଛନ୍ତି।



ମ୍ୟୁନିସିପାଲିଟି ଇଓଙ୍କ ଗାଡ଼ିକୁ ଇନ୍ଦିରାନଗରଠାରେ ଲୋକେ ଘେରି କରି ରହିଛନ୍ତି।

## ସଂକ୍ଷେପରେ

### ଦ୍ୱିତୀୟ ବିବାହ କରି ଜେଲଗଲେ ସ୍ୱାମୀ

ଦେଓଗାଁ, ୪।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଅର୍ଡା ଗ୍ରାମର ଜଣେ ବିବାହିତା ଯୁବକ ସ୍ତ୍ରୀ ଓ ପିଲା ଥାଇ ଜଣେ ବିବାହିତା ମହିଳାଙ୍କୁ ପ୍ରେମ କରି ଜେଲ ଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଥମ ସ୍ତ୍ରୀ କୁମାରୀ ରଣାଙ୍କ ଅଭିଯୋଗ ଅନୁସାରେ ତାଙ୍କ ସ୍ୱାମୀ ହୃଷି ରଣା ବୁଡ଼ାବାହାଲର ଜଣେ ମହିଳାଙ୍କୁ ପ୍ରେମ କରୁଥିଲେ। ପରେ ସ୍ୱାମୀ ସମ୍ପୃକ୍ତ ମହିଳାଙ୍କୁ ମନ୍ଦିରରେ ଦ୍ୱିତୀୟ ବିବାହ କରି ଆଣି ଘରେ ରଖିଥିଲେ। ଏହାକୁ ସେ ବିରୋଧ କରିବାରୁ ଗୋଟିଏ କୋଠରିରେ ତାଙ୍କୁ ଓ ତାଙ୍କର ଦୁଇ ଝିଅଙ୍କୁ ଗୋଟିଏ ଘରେ ତାଲା ଦେଇ ମାରିଦେବାକୁ ଉଦ୍ୟମ କରୁଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ହୃଷି ଓ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ତାରାବତୀ ପଧାନ କହିଛନ୍ତି।

### ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଖଡ଼ିଆଲ,୪।୧(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଦକ୍ଷତା ନିର୍ମାଣ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥଙ୍କ ଅଧକ୍ଷତାରେ ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ କୁମାର ଭୋଇ, ସାଧନ କର୍ମୀ ଭାବେ ନୂଆପଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି, ପ୍ରାକ୍ତନ ଜିଲା ବିଜ୍ଞାନ ନିରୀକ୍ଷକ ତଥା ବେଲଟୁକୁରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ଭୋଇ, ପ୍ରୋଗ୍ରାମର ନିଖିଳ ଓଝା, ଏମଆଇଏସ ସଂଯୋଜକ ଧର୍ମେନ୍ଦ୍ର କୁମାର ଦଣ୍ଡସେନା ମଞ୍ଚାସୀନ ଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ ମଞ୍ଚ ପରିଚାଳନା ସହିତ ଉଦେଶ୍ୟ ଜ୍ଞାପନ କରିଥିଲେ। ୫ ଦିନ ଧରି ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ୫୧ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରୁଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନକୁଳ ଶବରଙ୍କ ନେତୃତ୍ୱରେ ଶିକ୍ଷକ ଗୌରୀ ଶଙ୍କର ଦୁବେ, ସୁର ବିଜୟ କାନ୍ତ ତାଣ୍ଡି, ପ୍ରଶାନ୍ତ କୁମାର ପଣ୍ଡା, ନୀଳିମା ରାଣୀ ସାଗର, ପ୍ରଭୁଦତ୍ତ ପୁରୋହିତ, ରାଜଶ୍ରୀ ଦଣ୍ଡସେନା, ମହମ୍ମଦ କଲାମ, ଧନଞ୍ଜୟ ମଲ୍ଲିକ, ସାଗର ବାଗ, ବୈଷ୍ଣବ ମେହେର, ଆଶିଷ କୁମାର ପଟ୍ଟନାୟକ, ଶୀମନ୍ତ ହେର୍ଣା, ସରସ୍ୱତୀ ରାଉତ, ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

### ଜିଲା ପ୍ରଶାସନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ନୂଆପଡ଼ା ଅଫିସ,୪।୧: ନୂଆପଡା ଜିଲା କୋମନା ବ୍ଲକ ଅଧୀନ ଜଟଗଡ ପଞ୍ଚାୟତ ସାହଜଟସ୍ଥିତ ଅନୁସୂଚିତ ଜନଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ତଥା ସେବାଶ୍ରମ ସ୍କୁଲରେ ଅନେକ ସମସ୍ୟା ରହିଛି। ୫ଟି ମୁଖ୍ୟ ସମସ୍ୟା ନେଇ ଡିସେମ୍ବର ୧୯ଠାରୁ ବିଦ୍ୟାଳୟ ପରିଚାଳନା କମିଟି ସହ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଦୀର୍ଘ ୧୭ଦିନର ଧାରଣା ପରେ ବୁଧବାର ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ଓ ଜିଲା ମଙ୍ଗଳ ଅଧିକାରୀ ନନ୍ଦିକିଶୋର ତାଣ୍ଡି ଅତିରିକ୍ତ ଜିଲାପାଳଙ୍କ ଚେମ୍ବରକୁ ଧାରଣାକାରୀଙ୍କୁ ଡାକି ଆପୋଷ ବୁଝାମଣା ହୋଇଛି। ୫ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରି ତଦନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ପ୍ରଶାସନ ପକ୍ଷରୁ ଧାରଣାକାରୀଙ୍କୁ ୧୫ ଦିନ ସମୟ ମାଗିଛନ୍ତି। ୧୫ ଦିନରେ ୫ଟି ଦାବିର ପୂରଣ କରାଯିବ। ପ୍ରଥମେ ବିଦ୍ୟାଳୟରେ ଥିବା ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ପିଅନ, ରୋଷେୟାଙ୍କୁ ବଦଳି କରାଯିବ ସହ ଅନ୍ୟ ଦାବିଗୁଡିକ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ୧୫ ଦିନ ମଧ୍ୟରେ ସବୁ ଦାବି ପୂରଣ ନ ହେଲେ ଆସନ୍ତା ୨୦ ତାରିଖରୁ ପୁଣି ଧାରଣାରେ ବସିବୁ ବୋଲି ଧାରଣାକାରୀମାନେ ଚେତାବନୀ ଦେଇଛନ୍ତି। ଧାରଣାରେ ଗୌତମ ମାଝି, ସୁବାଷ ପ୍ରଧାନ, ନିତ୍ୟାନନ୍ଦ ମାଝି, ଭଗବାନ ଷଣ୍ଡ, ସିତାରାମ ଅହିର, ଅନ୍ତ ସାହୁ, ରଘୁ ମାଝି, ଟିକେଶ୍ୱର ସାହୁ, ଦେବରାଜ ମାଝି, ଭାଗୀରଥି ମାଝି, ଟିକେରାମ ମାଝି, ଅଭିରାମ ମାଝି, ଜେଠୁ ମାଝି, ବନବାସ ମାଝି, ଘାସିରାମ ମାଝି, ରଙ୍ଗାଧର ମାଝି, ପ୍ରେମାନନ୍ଦ ମାଝି, ହିରାଧର ଶବର, ବନିତା ମାଝି, କିଆବତି ସାହୁ, କମଳା ମାଝି ପ୍ରମୁଖ ସାମିଲ ଥିଲେ।

## ହାତିବନ୍ଧା ଧନୁଯାତ୍ରା: ଷଷ୍ଠ ଦିନରେ କୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ

ସିନାପାଲି,୪।୧(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତିବନ୍ଧାଠାରେ ଚାଲିଥିବା ଧନୁଯାତ୍ରା ଷଷ୍ଠ ଦିନରେ ପହଞ୍ଚିଛି। ମା' ପାହାର ଭଣ୍ଡାର ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ବିରାଟ ଧନୁଯାତ୍ରାର ଷଷ୍ଠ ଦିନରେ କୃଷ୍ଣ ବଳରାମଙ୍କୁ ମଥୁରା ନଗରୀଙ୍କୁ ନିମନ୍ତ୍ରଣ କରାଯାଇଥିବା ନାଟ୍ୟ ରୂପାନ୍ତର ପରିବେଷଣ କରାଯାଇଥିଲା। ଏହା ଗତ ୨୭ ତାରିଖ ଉଦଘାଟିତ ହୋଇଥିବାବେଳେ ଆସନ୍ତା ୬ତାରିଖରେ ଉଦଯାପିତ ହେବ ବୋଲି ଜଣାପଡ଼ିଛି। ଏହି ଅବସରରେ ପ୍ରତ୍ୟହ ଧନୁଯାତ୍ରା ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ କଂସ ଦରବାରକୁ ପ୍ରତିଦିନ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଉଛି। ଏହି କ୍ରମରେ ବୁଧବାର ପଞ୍ଚମ ଦିନରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିସଦ ସଦସ୍ୟ ଲିଙ୍ଗରାଜ ଘିଭେଲା, ବ୍ଲକ ଉପାଧ୍ୟକ୍ଷା ମିନା ଘିଭେଲା, ସନ୍ତୋଷ କୁମାର ବାଗ, ରାହୁଲ ରଣା, ବିହାରିଲାଲ ଜଗତ, ରମେଶ ଜଗତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ପୋର୍ଟ୍ସ କ୍ଲବ ସଭାପତି ଗରୁଡ଼ଧ୍ୱଜ ବେହେରାଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଧାନ ବିକ୍ରି ପଞ୍ଜୀକରଣରେ ଜାଲିଆତି

ଲୋଇସିଂହା,୪।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଖରିଫ ଧାନବିକ୍ରି ପାଇଁ ଚାଷୀ ପଞ୍ଜୀକରଣରେ ଜାଲିଆତି ହୋଇଛି। ପାକ୍ସ ଅଧୀନ ବହୁ ଚାଷୀ ଏହିଭଳି ଅଭିଯୋଗ ଆଣିଛନ୍ତି। ପିପିଲିପାଲି ଗ୍ରାମର ଉଦ୍ଧବ ପଧାନ ଏ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପଞ୍ଜୀକରଣରେ ଅନିୟମିତତା ଯୋଗୁ ଅମଳ ଧାନବିକ୍ରି କରିବାରୁ ସେ ବଞ୍ଚିତ ହେଉଥିବା କହିଛନ୍ତି।

ବୁଢ଼ୀପଦର ପଞ୍ଚାୟତ ପିପିଲିପାଲି ଗ୍ରାମର ତପସ୍ୱିନୀ ପଧାନଙ୍କ ପୁଅ ଉଦ୍ଧାବ ପଧାନଙ୍କ ଅଭିଯୋଗ ଅନୁଯାୟୀ, ଯୋଗୀସର୍ଡା ଗ୍ରାମର ସ୍ୱର୍ଗତ ମୂରଲୀଧର ପଧାନଙ୍କ ୩ଝିଅ । ସେଥିରୁ ତପସ୍ୱିନୀ ପିପିଲିପାଲି ଗ୍ରାମରେ ବିବାହ କରିଛନ୍ତି। ମୂରଲୀଙ୍କ ପୁଅ ନଥିବାରୁ ୩ ଭଉଣୀ ଜମି ସମାନ ଭାଗ ପାଇବାକୁ ହକଦାର। ଏହିକ୍ରମରେ ଯୋଗୀସର୍ଡା ମୌଜା ଖତିୟାନ ନଂ ୧୪୧ ରେ ମୂରଲୀଙ୍କ ନାମରେ ୧୦ ଏକର ୯୨ ଡେସିମିଲ ଜମିରୁ ତପସ୍ୱିନୀ ଏକତୃତୀୟାଂଶ ଜମି ଭାଗ ପାଇବେ । ତପସ୍ୱିନୀଙ୍କ ପୁଅ ଉଦ୍ଧବ ଯୋଗୀସର୍ଡା ପାକ୍ସରେ ସମ୍ପୃକ୍ତ ଜମିର ଦସ୍ତାବିଜ ଦେଇ ଖରିଫ ଧାନବିକ୍ରି ପାଇଁ ପଞ୍ଜୀକରଣ କରି ଆସୁଛନ୍ତି। ୨୦୨୧-୨୨ ବର୍ଷରେ ସେହି ଜମିର ପଞ୍ଜୀକରଣ କରି ୩୩ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ୨୦୨୨-୨୩ ବର୍ଷ ପାଇଁ ମଧ୍ୟ ପାକ୍ସରେ ଧାନବିକ୍ରି ସକାଶେ ସେହି ଜମିକୁ ଦେଖାଇ ନାମ ପଞ୍ଜୀକରଣ କରିଥିଲେ। ପାକ୍ସ କର୍ମଚାରୀ କାଗଜପତ୍ର ଯାଞ୍ଚ କରି ସବୁ ଠିକ୍ ଥିବା କହିଥିଲେ । ହେଲେ ଧାନବିକ୍ରି ତାଲିକାରେ ଟୋକନ ନ ଆସବାରୁ ସେ ପାକ୍ସ କର୍ମଚାରୀଙ୍କୁ ପଚାରିଥିଲେ। ସେହି ଜମି ତୁମ ନାମରେ ନ ଥିବା ଏବଂ ପୂର୍ବରୁ ଅନ୍ୟ ଦୁଇଜଣ ସେହି ଜମି ଦେଖାଇ ନାମ ପଞ୍ଜୀକରଣ କରିଥିବାରୁ ସେମାନଙ୍କ ନାମରେ ଧାନବିକ୍ରି ଟୋକନ ଆସିଥିବା କହିଥିଲେ। ସମସ୍ୟାର ସମାଧାନ ନହେବା ଯାଏ ଯୋଗୀସର୍ଡା ମୌଜା ଖତିୟାନା ନଂ ୧୪୧ ନଂ ପ୍ଲଟରେ କାହାରିକୁ ଧାନ ବିକ୍ରି ପାଇଁ ଅନୁମତି ନଦେବା ଏବଂ ଅନିୟମିତତା କରିଥିବା କର୍ମଚାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଓ ଜିଲା ଯୋଗାଣ ଓ ସମବାୟ ବିଭାଗର ଦୃଷ୍ଟି ଆକର୍ଷଣ କରିଛି।

### ଜାଲିଆତି କରି କାର୍ଡ ହାତଉଛନ୍ତି ବେପାରୀ

**ତଦନ୍ତ କଲା ଜିଲା ଯୋଗାଣ ବିଭାଗ ଟିମ୍**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପାକ୍ସରେ ଜମି ଜାଲିଆତି କରି ଭାଗଚାଷୀ ଦର୍ଶାଇ କେତେକ ବେପାରୀ ଧାନ କାର୍ଡ ହାତଉଛନ୍ତି। ସେହି ଜାଲିଆତି ଜମିରେ ବୋପରୀ ଧାନ ବିକ୍ରି କରି ମାଲାମାଲ ହେଉଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ବୁଧବାର ଜିଲା ଯୋଗାଣ ବିଭାଗର ଏକ ଟିମ ଉକ୍ତ ପାକ୍ସରେ ପହଞ୍ଚି ତଦନ୍ତ ଆରମ୍ଭ କରଛି। ତଦ'ରେ ବାଧା ସୃଷ୍ଟି ହେବା ଆଶଙ୍କ କରି ଅଧିକ କହିବାକୁ ମନା କରିଛନ୍ତି ବ୍ଲକ ସହକାରୀ ଯୋଗାଣ ଅଧିକାରୀ ସୌମ୍ୟରଞ୍ଜନ ମହାନନ୍ଦ। ଉଲ୍ଲେଖଯୋଗ୍ୟ ଯେ, ଚାଷୀ ପଞ୍ଜୀକରଣ ବେଳେ ପାକ୍ସରେ ବିଭିନ୍ନ ଆଳ ଦେଖାଇ ଚାଷୀଙ୍କୁ ହଇରାଣ ହରକତ କରାଯାଉଥିବା ଅଭିଯୋଗ ହୋଇ ଆସୁଛି। ଚାଷୀଙ୍କ ସରଳତା ଓ ଅନଭିଜ୍ଞତାର ସୁଯୋଗ ନେଇ ପାକ୍ସ, ରାଜସ୍ୱ ବିଭାଗ ସହ ସଲାସୁତୁରା କରି ବେପାରୀମାନେ କାରସାଦି କରି ଧାନ ବିକ୍ରି କରି ମୁନାଫା ଉଠାଇଥିବା ଅଭିଯୋଗ ହେଉଛି।

# ଚିନିକଳ ପୁନଃ ଚାଲୁ ପାଇଁ ଚାଷୀ ସଂଗଠନର ଧାରଣା

ଦେଓଗାଁ, ୪।୧(ଡି.ଏନ.ଏ.)

ପଶ୍ଚିମ ଓଡିଶା ସେବାସଂଘ, ଭିଆଇପି ପାର୍ଟି ପକ୍ଷରୁ ଦେଓଗାଁ ବ୍ଲକ ସାଗରପାଲି ନିକଟ ଚିନିକଳ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଦୀର୍ଘ ୫ ଶହ ଦିନ ଧରି ଆନ୍ଦୋଳନରେ ସ୍ଥାନୀୟ ଚାଷୀ, କର୍ମଚାରୀ ଓ ସଂଗଠନ ଧାରଣା ଦେଇ ଆସୁଥିବାବେଳେ ପ୍ରଶାସନ ପଦକ୍ଷେପ ନ ନେଇ ନ ଥିଲା। ଚାଷୀ ସଂଗଠନ ଏକ ଖବରଦାତା ସମ୍ମିଳନୀ କରି ପ୍ରଶାସନ ଆଗାମୀ ଦିନରେ କୌଣସି ପଦକ୍ଷେପ ନ ନେଲେ ପ୍ରତିମାସରେ ଦୁଇ ଥର ରାଜପଥ ଅବରୋଧ କରାଯିବ ବୋଲି ସଂଗଠନ ମୁଖ୍ୟ ରାଜେଶ ବରର୍ଡ୍ଡି ସୂଚନା ଦେଇଛନ୍ତି। ଶିଳ୍ପ କର୍ମଚାରୀ ସଂଘ ସଭାପତି ଅକ୍ଷୟ ପୁଟା, ଆଖୁଚାଷୀ କମିଟି ସଭାପତି ମୟ ସାହୁ, ଜିଲା ସେବାସଂଘ ସଭାପତି ରୋହିତ ସାହୁ, ନିଳମଣୀ ଦୀପ, ଅଜିତ ରଣା, କପିଳ କୁମାର ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ତେଲଙ୍ଗାନାରୁ ଉଦ୍ଧାର ହେଲେ ୩୨ଦାଦନ ଶ୍ରମିକ

ଟିଟିଲାଗଡ଼, ୪।୧ (ଡି.ଏନ.ଏ)

ତେଲେଙ୍ଗାନାର ଇଟାଭାଟିରେ ବନ୍ଧା ପଡିଥିବା ୩୨ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି ବଲାଙ୍ଗୀର ଜିଲା ପ୍ରଶାସନ। ତେଲେଙ୍ଗାନା ନିଜାମାବାଦ ଅଞ୍ଚଳର କେବିଏନ ଇଟାଭାଟିରେ ସେମାନେ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହୋଇଥିଲା। ଜିଲାପାଳ ସେଠାକାର ପ୍ରଶାସନକୁ ପତ୍ର ଜାରି ସହ ଶ୍ରମିକଙ୍କୁ ତୁରନ୍ତ ଖଲାସ କରିବା ପ୍ରୟାସ ଆରମ୍ଭ କରିଥିଲେ। ଟିଟିଲାଗଡ ନଗର ଭାଜପା ସଭାପତି ପ୍ରଶାନ୍ତ ଷଡଙ୍ଗୀ ଶ୍ରମିକମାନେ ଉଦ୍ଧାର କରିବାକୁ ଜାରି କରିଥିବା ଭିଡିଓ, ଫଟୋ ଉପଜିଲାପାଳଙ୍କୁ ପଠାଇଥିଲେ। ଦାଦନ ଶ୍ରମିକମାନେ ନାଗାବଳି ଏକ୍ସପ୍ରେସ ଯୋଗେ ସେଠାରୁ ବାହାରି ବୁଧବାର ଟିଟିଲାଗଡରେ ପହଞ୍ଚିବା ପରେ ଉପଜିଲାପାଳ ଦୟାରାମ ପାଢୀ ଉପଖଣ୍ଡ ଶ୍ରମ ନୀରିକ୍ଷକ ପ୍ରଶାନ୍ତ ସୁନା ଆରପିଏଫ ବାହିନୀ ସେମାନଙ୍କୁ ରିସିଭ କରିଥିଲେ। ଶ୍ରମିକମାନଙ୍କୁ ବିସ୍କୁଟ ଖାଇବାକୁ ଦେବା ପରେ ଗାଡି ବନ୍ଦୋବସ୍ତ କରି ସେମାନଙ୍କ ଘରକୁ ପଠାଇବା ବ୍ୟବସ୍ଥା କରାଯାଇଥିଲା। ଅନ୍ୟପକ୍ଷରେ ତେଲେଙ୍ଗାନାରେ ନିର୍ଯାତିତ ଶ୍ରମିକ ପ୍ରସଙ୍ଗରେ ପ୍ରଶାସନ କଡା ପଦକ୍ଷେପ ଗ୍ରହଣ କରିବ ବୋଲି ଉପଜିଲାପାଳ କହିଛନ୍ତି। ଏହି ଅବସରରେ ଅନେକ ଶ୍ରମିକ ପରିବାର ସେମାନଙ୍କ ରାଶନ କାର୍ଡ ନଥିବା ନେଇ ଅଭିଯୋଗ କରିଥିଲେ। ଜିଲାପାଳ ଦାଦନ ଶ୍ରମିକଙ୍କ ସମସ୍ୟାକୁ ଗମ୍ଭିରତାର ସହ ଗ୍ରହଣ କରିଥିବାରୁ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲାପାଳ କହିଥିଲେ। ଏହି ଅବସରରେ ଆରପିଏଫ ଅଧିକାରୀ ଧର୍ମେନ୍ଦ୍ର ମିଶ୍ର, ସାମାଜିକ କର୍ମୀ ଜିତୁ ସାହୁ, ମହେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଖଲିଆଖମାରକୁ ଟାଇଟଲ




ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଖଲିଆଖମାର ଦଳ ଖେଳାଳିମାନେ।

**ନିଶାମଣି ଭୋଇ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ମୁରିବାହାଲ,୪।୧(ଡି,ଏନ,ଏ)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ପତ୍ରାପାଲି(କ) ପଞ୍ଚାୟତ ଅନ୍ତର୍ଗତ ଦେବେଙ୍ଗ ମିନି ଷ୍ଟାଡିୟମରେ ଚାଲିଥିବା ୧୧ତମ ନିଶାମଣୀ ଭୋଇ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କଣ୍ଟାବାଞ୍ଜିକୁ ୨-୦ଗୋଲରେ ହରାଇ ଖଲିଆଖମାର ଦଳ ଚାମ୍ପିୟନ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ମହମ୍ମଦ ଆୟୁବ ଖାଁ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ମୁରିବାହାଲ ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର, ଚଉଷଠି ଯୋଗିନୀ ସାହିତ୍ୟ କଳା ପରଷଦ ସଭାପତି ନାରାୟଣ ମିଶ୍ର, ରାଜ୍ୟ ସଭା ସାଂସଦ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ପତ୍ରାପାଲି (କ) ପଞ୍ଚାୟତ ସମିତି ସଭ୍ୟ ସନ୍ୟାସୀ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ବିଜେତା ଦଳକୁ ଟ୍ରଫି ସହ ନଗଦ ୮, ୮୮୮ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୬, ୬୬୬ ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଖେଳକୁ ଛନ୍ଦ ମାଝି, ନବୀନ ସରଫ, ବୈଷ୍ଣବ ତାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ। ଡୋଳାମଣୀ ଦାସ, ପୂର୍ଣଚନ୍ଦ୍ର ତାଣ୍ଡି ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନରେ ନେତ୍ରମଣି ଭୋଇ, ସଭାପତି ରାଜେନ୍ଦ୍ର ଭୋଇ, ସମ୍ପାଦକ ଗଣାଦୀପ ଦାସ, ସହସମ୍ପାଦକ ମୋହନ ନେଉରା, ତ୍ରିନାଥ ଭୋଇ, ସୁଧାଂଶୁ ଭୋଇ, ସହିଦ ମହମ୍ମଦ ପ୍ରମୁଖ ସହଯୋଗ କରିଥିଲେ।

# ଚାଉଳବାଞ୍ଜିକୁ ହରାଇ ଓଡ଼ିଆପାଲି ଚାମ୍ପିୟନ




ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

**ହେଡ୍‌ମାଷ୍ଟର ମେମୋରିଆଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଖପ୍ରାଖୋଲ,୩୧।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଚାଉଲବାଞ୍ଜି ହେଡ୍‌ମାଷ୍ଟର ମେମୋରିଆଲ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଓଡ଼ିଆପାଲି ଓ ଚାଉଲବାଞ୍ଜି ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଓଡିଆପାଲି ଦଳ ୧୨ଓଭରରେ ୭ଉଇକେଟ ବିନିମୟରେ ୧୬୪ରନ ସଂଗ୍ରହ କରିଥିଲା। ଜବାବରେ ଚାଉଲବାଞ୍ଜି ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୧୦୦ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ଓଡିଆପାଲି ଦଳ ଚାମ୍ପିୟନ ହୋଇଥିଲା। ଶଶିକାନ୍ତ ଦାଶ ଓ ମୁକେଶ ପୁରୋହିତ ଖେଳ ପରିଚାଳନା, ସୁନୀଲ ଦାଶ ସ୍କୋରର, ମୀନକେତନ ଦାଶ ଓ ଆଶିଷ ଦୀପ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରଷ୍କାର ବିତରଣ ଉତ୍ସବରେ କ୍ରିକେଟ କ୍ଲବ ସଭାପତି ଶେଷଦେବ ଧରୁଆ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ମହରାପଦର ସମିତି ସଭ୍ୟା ଗୋଲାପି ଧରୁଆ, ସମ୍ମାନିତ ଅତିଥି ସଂଗ୍ରାମ କେଶରୀ ବୁଡେକ, ଜ୍ୟୋତିରଞ୍ଜନ ପଣ୍ଡା, ବାହାଦୁର ନିଆଲ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୧୩ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

# ସିନ୍ ରିକ୍ରିଏଟ୍ କଲା ପୋଲିସ

### ଭୋଜି କରିବାକୁ ଡାକିନେଇ ଯୁବକଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ

- ବଚସାରୁ ମାରିଦେଲି କହିଲେ ଅଭିଯୁକ୍ତ
- ଜେଲଗଲେ ଅଭିଯୁକ୍ତ

ବେଲପଡା,୪।୧(ଡି.ଏନ.ଏ.)

ଭୋଜି କରିବାକୁ ଘରୁ ଡାକିନେଇଥିଲେ। ହେଲେ ସେଠାରେ ମଦ ନିଶାରେ ହିତାୟତ ଜ୍ଞାନଭୁଲି ମାରି ଦେଇଥିଲେ କହିଲେ ଅଭିଯୁକ୍ତ। ବଲାଙ୍ଗୀର ଜିଲା ବେଲପଡା ଥାନା ପୋଲିସ ତଅଁଳାର ପୁରୁଷୋତ୍ତମ ବେହେରା ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି । ଅଭିଯୁକ୍ତ ମାଲପଡା କଲୋନୀ ପଡାର ମହାଦେବ ପୁଟି ଓରଫ ହେମନ୍ତ (୧୯)ଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି। ଅଭିଯୁକ୍ତ ଘଟଣା ସ୍ୱୀକାର କରିବା ପରେ ତାଙ୍କୁ ପୋଲିସ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଟ କରିଥିଲା।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୩୧ତାରିଖ ଶନିବାର ମଧ୍ୟାହ୍ନ ୧୨ଟାରେ ପୁରୁଷୋତ୍ତମଙ୍କୁ ତଅଁଳାର ନିୟନ୍ତ ପୁଟି ଓ ମହାଦେବ ପୁଟି ଫୋନଯୋଗେ ଭୋଜି କରିବା ପାଇଁ ଡାକିଥିଲେ। ଏହାପରେ ପୁରୁଷୋତ୍ତମ ଘରୁ ବାଇକ ଧରି ଯାଇଥିଲେ। ଏକାଠି ୩ ଜଣ ମିଶି ଅନୁପତରା ଜଙ୍ଗଲରେ ମଦ ପିଇଥିଲେ। ମଦ ପିଆ ସରିବା ପରେ ନିୟନ୍ତ ଘରକୁ ଚାଲି ଆସିଥିଲେ। ଏହାପରେ ମହାଦେବ ଓ ପୁରୁଷୋତ୍ତମଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ମହାଦେବ ଏକ ଟାଙ୍ଗିଆରେ ପୁରୁଷୋତ୍ତମଙ୍କୁ ଆକ୍ରମଣ କରିଥିଲେ। ପରୁଷୋତ୍ତମ ତଳେ ପଡି ଯିବା ପରେ ମୃତଦେହକୁ ମହାଦେବ ଘୋଷାଡି ଏକ ଖାଲରେ ଫିଙ୍ଗି ଦେଇ ଫେରାର୍ ହୋଇ ଯାଇଥିଲେ। ପୁରୁଷୋତ୍ତମ ସାଙ୍ଗମାନଙ୍କ ସହ ଭୋଜି କରି ଯାଉଛି ବୋଲି ସ୍ତ୍ରୀଙ୍କୁ କହି ଘରୁ ବାହାରି ଥିଲେ। ସନ୍ଧ୍ୟା ଯାଏ ଘରକୁ ନଫେରିବାରୁ ତାଙ୍କ ବାପା ଆନନ୍ଦ ବେହେରା ବେଲପଡା ଥାନାରେ ଏତଲା ଦେଇଥିଲେ। ଏକ ମାମଲା(୨୯୬/୨୩)ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ସୂଚନାଯୋଗ୍ୟ ଯେ, ତଅଁଳା ଗାଁରେ ଟେଲରିଂ ଦୋକାନ କରିଥିବା ପୁରୁଷୋତ୍ତମଙ୍କ ଦୋକାନରେ ଦୁଇବର୍ଷ ତଳେ ଅଭିଯୁକ୍ତ କାମ କରୁଥିବା ଜଣାପଡିଛି।





ଗିରଫ ଅଭିଯୁକ୍ତ, ଜବତ ଟାଙ୍ଗିଆ।

## ସଂକ୍ଷେପରେ

### ୪୫୦୦ ଲିଟର ପୋଚ ନଷ୍ଟ

ପଦ୍ମପୁର ୪।୧(ଡି.ଏନ.ଏ.): ଅବକାରୀ ଇନ୍ସପେକ୍ଟର ସମରଜିତ ଦାଶ, ପଦ୍ମପୁର ଅବକାରୀ ଥାନା ଅଧିକାରୀ ଏଚ ଜଗାରାଓ ଗାଇସିଲେଟ ଥାନା ଡୋଙ୍ଗରମୁଣ୍ଡା ଓ ଜନକେଡା ଅଞ୍ଚଳର ୩ଟି ସ୍ଥାନରେ ଚଢାଉ କରିଥିଲେ। ୪୫୦୦ଲିଟର ମହୁଲ ପୋଚ ସହ ୨୦୦ ଲିଟର ଦେଶୀ ରନ୍ଧାମଦ ନଷ୍ଟ କରାଯାଇଥିଲା। ପ୍ରାୟ ୨୫ଟି ପ୍ଲାଷ୍ଟିକ ଡ୍ରମରେ ମହୁଲ ପୋଚ ଓ ମଦ ରହିଥିଲା। ଏ ସଂକ୍ରାନ୍ତରେ ଅବକାରୀ ଥାନାରେ ତିନୋଟି ମାମଲା ରୁଜୁ କରାଯାଇଛି।

### ଦ୍ୱିତୀୟ ବିବାହ କରି ଜେଲଗଲେ ସ୍ୱାମୀ

ଦେଓଗାଁ, ୪।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଅର୍ଡା ଗ୍ରାମର ଜଣେ ବିବାହିତା ଯୁବକ ସ୍ତ୍ରୀ ଓ ପିଲା ଥାଇ ଜଣେ ବିବାହିତା ମହିଳାଙ୍କୁ ପ୍ରେମ କରି ଜେଲ ଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଥମ ସ୍ତ୍ରୀ କୁମାରୀ ରଣାଙ୍କ ଅଭିଯୋଗ ଅନୁସାରେ ତାଙ୍କ ସ୍ୱାମୀ ହୃଷି ରଣା ବୁଡାବାହାଲର ଜଣେ ମହିଳାଙ୍କୁ ପ୍ରେମ କରୁଥିଲେ। ପରେ ସ୍ୱାମୀ ସମ୍ପୃକ୍ତ ମହିଳାଙ୍କୁ ମନ୍ଦିରରେ ଦ୍ୱିତୀୟ ବିବାହ କରି ଆଣି ଘରେ ରଖିଥିଲେ। ଏହାକୁ ସେ ବିରୋଧ କରିବାରୁ ଗୋଟିଏ କୋଠରିରେ ତାଙ୍କୁ ଓ ତାଙ୍କର ଦୁଇ ଝିଅଙ୍କୁ ଗୋଟିଏ ଘରେ ତାଲା ଦେଇ ମାରିଦେବାକୁ ଉଦ୍ୟମ କରୁଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ହୃଷି ଓ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ତାରାବତୀ ପଧାନ କହିଛନ୍ତି।

### ତେଲେଙ୍ଗାନାରୁ ଉଦ୍ଧାର ହେଲେ ୩୨ଦାଦନ ଶ୍ରମିକ

ଟିଟିଲାଗଡ଼, ୪।୧ (ଡି.ଏନ.ଏ): ତେଲେଙ୍ଗାନାର ଇଟାଭାଟିରେ ବନ୍ଧା ପଡିଥିବା ୩୨ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି ବଲାଙ୍ଗୀର ଜିଲା ପ୍ରଶାସନ। ତେଲେଙ୍ଗାନା ନିଜାମାବାଦ ଅଞ୍ଚଳର କେବିଏନ ଇଟାଭାଟିରେ ସେମାନେ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହୋଇଥିଲା। ଜିଲାପାଳ ସେଠାକାର ପ୍ରଶାସନକୁ ପତ୍ର ଜାରି ସହ ଶ୍ରମିକଙ୍କୁ ତୁରନ୍ତ ଖଲାସ କରିବା ପ୍ରୟାସ ଆରମ୍ଭ କରିଥିଲେ। ଟିଟିଲାଗଡ ନଗର ଭାଜପା ସଭାପତି ପ୍ରଶାନ୍ତ ଷଡଙ୍ଗୀ ଶ୍ରମିକମାନେ ଉଦ୍ଧାର କରିବାକୁ ଜାରି କରିଥିବା ଭିଡିଓ, ଫଟୋ ଉପଜିଲାପାଳଙ୍କୁ ପଠାଇଥିଲେ। ଦାଦନ ଶ୍ରମିକମାନେ ନାଗାବଳି ଏକ୍ସପ୍ରେସ ଯୋଗେ ସେଠାରୁ ବାହାରି ବୁଧବାର ଟିଟିଲାଗଡରେ ପହଞ୍ଚିବା ପରେ ଉପଜିଲାପାଳ ଦୟାରାମ ପାଢ଼ୀ ଉପଖଣ୍ଡ ଶ୍ରମ ନୀରିକ୍ଷକ ପ୍ରଶାନ୍ତ ସୁନା ଆରପିଏଫ ବାହିନୀ ସେମାନଙ୍କୁ ରିସିଭ କରିଥିଲେ। ଶ୍ରମିକମାନଙ୍କୁ ବିସ୍କୁଟ ଖାଇବାକୁ ଦେବା ପରେ ଗାଡି ବନ୍ଦୋବସ୍ତ କରି ସେମାନଙ୍କ ଘରକୁ ପଠାଇବା ବ୍ୟବସ୍ଥା କରାଯାଇଥିଲା। ଅନ୍ୟପକ୍ଷରେ ତେଲେଙ୍ଗାନାରେ ନିର୍ଯାତିତ ଶ୍ରମିକ ପ୍ରସଙ୍ଗରେ ପ୍ରଶାସନ କଡା ପଦକ୍ଷେପ ଗ୍ରହଣ କରିବ ବୋଲି ଉପଜିଲାପାଳ କହିଛନ୍ତି। ଏହି ଅବସରରେ ଅନେକ ଶ୍ରମିକ ପରିବାର ସେମାନଙ୍କ ରାଶନ କାର୍ଡ ନଥିବା ନେଇ ଅଭିଯୋଗ କରିଥିଲେ। ଜିଲାପାଳ ଦାଦନ ଶ୍ରମିକଙ୍କ ସମସ୍ୟାକୁ ଗମ୍ଭିରତାର ସହ ଗ୍ରହଣ କରିଥିବାରୁ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲାପାଳ କହିଥିଲେ। ଏହି ଅବସରରେ ଆରପିଏଫ ଅଧିକାରୀ ଧର୍ମେନ୍ଦ୍ର ମିଶ୍ର, ସାମାଜିକ କର୍ମି ଜିତୁ ସାହୁ, ମହେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଚିନିକଳ ପୁନଃ ଚାଲୁ ପାଇଁ ଚାଷୀ ସଂଗଠନର ଧାରଣା

ଦେଓଗାଁ, ୪।୧(ଡି.ଏନ.ଏ.): ପଶ୍ଚିମ ଓଡିଶା ସେବାସଂଘ, ଭିଆଇପି ପାର୍ଟି ପକ୍ଷରୁ ଦେଓଗାଁ ବ୍ଲକ ସାଗରପାଲି ନିକଟ ଚିନିକଳ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଦୀର୍ଘ ୫ ଶହ ଦିନ ଧରି ଆନ୍ଦୋଳନରେ ସ୍ଥାନୀୟ ଚାଷୀ, କର୍ମଚାରୀ ଓ ସଂଗଠନ ଧାରଣା ଦେଇ ଆସୁଥିବାବେଳେ ପ୍ରଶାସନ ପଦକ୍ଷେପ ନ ନେଇ ନ ଥିଲା। ଚାଷୀ ସଂଗଠନ ଏକ ଖବରଦାତା ସମ୍ମିଳନୀ କରି ପ୍ରଶାସନ ଆଗାମୀ ଦିନରେ କୌଣସି ପଦକ୍ଷେପ ନ ନେଲେ ପ୍ରତିମାସରେ ଦୁଇ ଥର ରାଜପଥ ଅବରୋଧ କରାଯିବ ବୋଲି ସଂଗଠନ ମୁଖ୍ୟ ରାଜେଶ ବଗର୍ତ୍ତି ସୂଚନା ଦେଇଛନ୍ତି। ଶିଳ୍ପ କର୍ମଚାରୀ ସଂଘ ସଭାପତି ଅକ୍ଷୟ ପୁଟା, ଆଖୁଚାଷୀ କମିଟି ସଭାପତି ମୟ ସାହୁ, ଜିଲା ସେବାସଂଘ ସଭାପତି ରୋହିତ ସାହୁ, ନିଳମଣୀ ଦୀପ, ଅଜିତ ରଣା, କପିଳ କୁମ୍ଭାର ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# କଚ୍ଛପ ଗତିରେ ଚାଲିଛି ଧାନ ସଂଗ୍ରହ

**ପଦ୍ମପୁର ଉପଖଣ୍ଡ**
- ମଣ୍ଡିରେ ପଡିଛି ୯.୫୬ଲକ୍ଷ ପ୍ୟାକେଟ ଧାନ
- ମେଘୁଆ ପାଗ ଦେଖି ଚାଷୀ ଛାନିଆ

ପଦ୍ମପୁର, ୪।୧(ଡି.ଏନ.ଏ.)


ପଦ୍ମପୁର ୟାଡରେ ଜମା ହୋଇ ରହିଥିବା ଧାନ ପ୍ୟାକେଟ।

ବରଗଡ ଜିଲା ପଦ୍ମପୁର ଉପଖଣ୍ଡରେ ଧାନ ସଂଗ୍ରହ କଚ୍ଛପ ଗତିରେ ଚାଲିଛି। ଏଥିଯୋଗୁ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ମଣ୍ଡିରେ ୯ ଲକ୍ଷ ୫୬ ହଜାର ୮୯୦ ପ୍ୟାକେଟ ଧାନ ଉଠି ନ ପାରି ଖୋଲା ଆକାଶ ତଳେ ପଡିଛି। ଏହି ସମୟରେ ଗତ ଦୁଇଦିନ ହେଲା ମେଘୁଆ ପାଗ ହେଉଥିବାରୁ ସମ୍ଭାବ୍ୟ ବର୍ଷା ଆଶଙ୍କାରେ ଚାଷୀମାନେ ଚିନ୍ତାରେ ପଡି ଯାଇଛନ୍ତି। ଧାନ ସଂଗ୍ରହ ମାନ୍ଦା ଅବସ୍ଥାରେ ଚାଲିଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ ଝାରବନ୍ଧ ବ୍ଲକ ଲଉଡିଧର୍ହା ୟାଡରେ ୪୯ ହଜାର ୫୬୧ ପ୍ୟାକେଟ, ଝାରବନ୍ଧ ୟାଡରେ ୩୨ହଜାର ୫୯୫, ଡ଼ଭା ୟାଡରେ ୨୭ ହଜାର ପ୍ୟାକେଟ, ପାଇକମାଲ ବ୍ଲକ ଝିଟିକିରେ ୩୩ହଜାର ୯୩୩ ପ୍ୟାକେଟ ଓ ପଦ୍ମପୁର ବ୍ଲକ କନସିଂହା ୟାଡରେ ୨୫ ହଜାର ୯୭୨ପ୍ୟାକେଟ ଧାନ ବିକ୍ରି ଅପେକ୍ଷାରେ ରହିଛି। ଧାନ ଉଠାଣକୁ ତରାନ୍ୱିତ କରିବା ପାଇଁ ଚାଷୀ ମହଲରେ ଦାବି ହୋଇଛି ।

## ୨୦୩୦ ସୁଦ୍ଧା ଜିଲାର ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ

ମଥୁରାନଗରୀ,୪।୧

ରାଜ୍ୟର ଦୀର୍ଘସ୍ଥାୟୀ ବିକାଶ ପାଇଁ ୨୦୩୦ ସୁଦ୍ଧା ଜାତିସଂଘ ଦ୍ୱାରା ନିର୍ଦ୍ଧାରିତ ୧୭ଟି ଲକ୍ଷ୍ୟକୁ ହାସଲ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଚାଲିଥିବା ଦୁଇଦିନିଆ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଛି। ଜିଲାପାଳ ମୋନିଷା ବାନାର୍ଜୀ ଏହାକୁ ଉଦ୍‌ଘାଟନ କରିଥିଲେ । ଜନସାଧାରଣଙ୍କ ପାଇଁ ଦୀର୍ଘସ୍ଥାୟୀ ଆର୍ଥିକ, ସାମାଜିକ ଓ ପରିବେଶ ବିକାଶକୁ ସୁନିଶ୍ଚିତ କରିବା ପାଇଁ ମିଳିତ ଜାତିସଂଘର ୧୭ଟି ପ୍ରମୁଖ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ସେ ଆଲୋକପାତ କରିଥିଲେ। ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ।

ନିଜର ବିକାଶ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଜିଲାରେ ୨୫୩ ପଞ୍ଚାୟତ ଓ ୫ସହରାଞ୍ଚଳରେ କିଭଳି ବିକାଶର ସ୍ଥାନୀୟକରଣ କରାଯିବ ସେଥିପାଇଁ ପ୍ରଶିକ୍ଷଣର ଦ୍ୱିତୀୟ ଦିବସରେ ପ୍ରଶିକ୍ଷକମାନଙ୍କ ସହିତ ଅଂଶଗ୍ରହଣକାରୀମାନେ ଅତାବିରା ବ୍ଲକର କାଦୋବାହାଲ ଏବଂ ଭଟଲି ବ୍ଲକର ସୁକୁଡ଼ା ପଞ୍ଚାୟତ ପରିଦର୍ଶନ କରିଥିଲେ। ୨ପ୍ରଶିକ୍ଷାର୍ଥି ଦଳ ୩ଭାଗରେ ବିଭକ୍ତ ହୋଇ ପଞ୍ଚାୟତ ବୁଲି ବିକାଶର ୧୭ଟି ଲକ୍ଷ୍ୟ କିଭଳି କାର୍ଯ୍ୟକାରୀ କରାଯାଇ ପାରିବ ସେ ନେଇ ମତ ଲୋଡ଼ିଥିଲେ। ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗ ତରଫରୁ ସାମର୍ଥ୍ୟ ବିକାଶ ବିଶେଷଜ୍ଞ ସରୋଜ କୁମାର ଦାସ, ଯୁଗ୍ମ ସଚିବ ପ୍ରଦ୍ୟୁମ୍ନ ମହାକୁଡ଼ ଆଗାମୀ ଦିନରେ ବରଗଡ଼ ଜିଲାର ନିରନ୍ତର ବିକାଶ ଲକ୍ଷ୍ୟକୁ ସାକାର କରିବା ପାଇଁ କିଭଳି କାର୍ଯ୍ୟକ୍ରମ ହାତକୁ ନିଆଯିବ ସେଥିପାଇଁ ଏକ ବିସ୍ତାରିତ ଜିଲା ଖସଡ଼ା ପ୍ରସ୍ତୁତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋଏଲ, ଜିଲା ଯୋଜନା ଓ ସଂଯୋଜନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଉଦ୍ଧବ ଚରଣ ନାୟକ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଏସଡ଼ିଜି ସେଲରୁ ମାଷ୍ଟର ଟ୍ରେନରଭାବେ ପ୍ରଦୀପ ପଣ୍ଡା, ହରେଷ ପୃଷ୍ଟି, ୟୁଏନଡିପି ରାଜ୍ୟ ମୁଖ୍ୟ ଆଭା ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ଜିଲା ଯୋଜନା ଓ ସଂଯୋଜନା କାର୍ଯ୍ୟାଳୟର ଶୁଭ୍ରାଂଶୁ ପାଇକରାୟ, ରାଜେଶ କୁମାର ସାହୁ, ଭାରତୀ ପାଢ଼ୀ, ଗୀତାଞ୍ଜଳୀ ସାହୁ, ଗୀତାରାଣୀ ବେସନ, ସୁନନ୍ଦା ତାଣ୍ଡି ଅନ୍ୟାନ୍ୟ କର୍ମଚାରୀବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜିଲାପାଳଙ୍କ ଅଚାନକ ଚରଦା ମନ୍ଦିର ପରିଦର୍ଶନ

ବିନିକା,୪।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦା ସ୍ଥିତ ବାବା କପିଳେଶ୍ୱର ଓ ମା' ଚରଦେଇଙ୍କ ପୀଠକୁ ବୁଧବାର ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନୀଲ ନରୱେନ ଅଚାନକ ପରିଦର୍ଶନ କରିଛନ୍ତି। ଜିଲାପାଳ ପ୍ରଥମେ ବାବା କପିଳେଶ୍ୱର, ଇଷ୍ଟଦେବୀ ମା' ଚରଦେଇ ଓ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଦେବାଦେବୀଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ମନ୍ଦିରର ସୁବିଧା ଅସୁବିଧା ସଂପର୍କରେ ଟ୍ରଷ୍ଟ ବୋର୍ଡ କମିଟି ସଭାପତି ଅଶୋକ ପୃଷ୍ଟିଙ୍କୁ ପଚାରି ବୁଝିଥିଲେ । ଜିଲାପାଳଙ୍କ ଗସ୍ତ ସମୟରେ ସ୍ଥାନୀୟ ସରପଞ୍ଚ ବୃନ୍ଦାବତୀ ନାୟକ, ଧୀବର ବରିହା, ଟ୍ରଷ୍ଟ ବୋର୍ଡ କମିଟି ସଦସ୍ୟ, ମନ୍ଦିର ସେବାୟତ, ତହସିଲଦାର ମୁକ୍ତେଶର ପାଣିଗ୍ରାହୀ, ବିଡ଼ିଓ ବ୍ୟାସଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଗତ ୨ତାରିଖରେ ମନ୍ଦିର ଟ୍ରଷ୍ଟ ବୋର୍ଡ କମିଟି ସଦସ୍ୟ ଓ ପଞ୍ଚାୟତ ପ୍ରତିନିଧିଙ୍କ ଏକ ପ୍ରତିନିଧି ଦଳ ରାଜଧାନୀ ଭୁବନେଶରକୁ ଯାଇ ରାଜ୍ୟସ୍ତରୀୟ ନେତା ମାନଙ୍କୁ ଭେଟି ପର୍ଯ୍ୟଟନସ୍ଥଳୀ ପାପକ୍ଷୟ ଘାଟ ଓ ଐତିହାସିକ କପିଳେଶ୍ୱର ପୀଠର ବିକାଶ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାରଣରୁ ସୁବର୍ଣ୍ଣପୁର ଜିଲାପାଳ ଅଚାନକ ମନ୍ଦିର ପରିଦର୍ଶନ କରିଥିବା ଭକ୍ତ ମହଲରେ ଆଲୋଚନା ହେଉଛି । ଅନ୍ୟ ପକ୍ଷରେ ଐତିହାସିକ କପିଳେଶ୍ୱର ପୀଠର କିମ୍ବଦନ୍ତୀ ଲେଖନୀ କପି ଶୀଘ୍ର ପଠାଇବାକୁ ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଫୋନ ଯୋଗେ ଟ୍ରଷ୍ଟ ବୋର୍ଡ କମିଟି ସମ୍ପାଦକ ସୋମନାଥ ମିଶ୍ରଙ୍କୁ ଅନୁରୋଧ କରିଥିବା ଜଣାପଡିଛି ।

## ହକି ବିଶ୍ୱ କପ ପାଇଁ ବାହାରିଲା ଶୋଭାଯାତ୍ରା

ଜାମଟିକ୍ରା, ୪।୧(ଡି.ଏନ.ଏ.)



ହକି ପୁରୁଷ ବିଶ୍ୱକପକୁ ଉତ୍ସାହିତ କରିବାକୁ ବାହାରି ଥିବା ଶୋଭାଯାତ୍ରା।

ବରଗଡ ଜିଲା ଅତାବିରା ବ୍ଲକ ଲରମ୍ଭା କଲେଜରେ ହକି ପୁରୁଷ ବିଶ୍ୱକପକୁ ଉତ୍ସାହିତ କରିବା ପାଇଁ ବୁଧବାର ଏକ ଶୋଭାଯାତ୍ରା ଓ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଡ.ପ୍ରମୋଦ କୁମାର ଭୋଇଙ୍କ ଅଧକ୍ଷତାରେ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା। ପରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଯୁଗ୍ମଭାବେ ବେବିନାଥ-ଝରଣା ସେଠ ଦଳ, ଦ୍ୱିତୀୟ ସ୍ଥାନରେ ଶ୍ରୀୟା ଖମାରୀ-ନିତେଶ ବେହେରା ଦଳ, ତୃତୀୟ ସ୍ଥାନରେ ଶିବାନୀ ରେଡ୍ଡି-ସୂର୍ଯ୍ୟକାନ୍ତି ରେଡ୍ଡି ଦଳ ଯୁଗ୍ମ ବିଜେତା ହୋଇଥିଲେ। ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଫେସର ଅମୃତା ସାମନ୍ତ, ସରୋଜ କୁମାର ନାୟକ, ହରିଶ ପାତ୍ର, ପବିତ୍ର ମହାଣା, ସଂଘମିତ୍ରା ମହାକୁର, ମୋନିକା ଶତପଥୀ ଓ ପାୟଲ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ପାଇକମାଲ, ୪।୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଏମଇ ସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ନୃସିଂହନାଥ ମନ୍ଦିରରୁ ମଶାଲ ପଡିଆରେ ପ୍ରବେଶ କଲାପରେ ଅଧକ୍ଷ ଲୋହିତ କୁମାର ବାରିକ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧରେ ମୋଟ ୧୮ଟି ପ୍ରତିଯୋଗିତା ହୋଇଥିଲା। ନାରାୟଣ ସାହୁ, ସୁଦର୍ଶନ ମହାକୁର, ଦୁର୍ଯ୍ୟୋଧନ ତ୍ରିପାଠୀ, ବିଜୟଲକ୍ଷ୍ମୀ ଖାନସମା, ନମିତା ସାହୁ, ଦୟାସାଗର ନାୟକ, ନାରାୟଣ ନାୟକ କ୍ରୀଡା ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି, କୁସୁମ ରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧାପକ ପ୍ରଦୀପ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।


କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଉଛି।

## ଚାଷୀ ଚିନ୍ତନ ଶିବିର ଉଦ୍‌ଯାପିତ

ମଥୁରାନଗରୀ,୪।୧

ବରଗଡ଼ ସମତା ଭବନ ପରିସରରେ ଜୟ କିସାନ ଆନ୍ଦୋଳନର ୨ଦିନିଆ ବୈଚାରିକ ଚିନ୍ତନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ ଏବଂ ବରିଷ୍ଠ ଚାଷୀନେତା ଶିବ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ସଂଗଠନର କର୍ମୀ ଲକ୍ଷ୍ମଣ ସୁନା ସ୍ୱାଗତ ସଙ୍ଗୀତ ଗାନ ପରେ ଶିବିର ଆରମ୍ଭ ହୋଇଥିଲା। ସଂଗଠନ ସଭାପତି ସୁଶିଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ସମ୍ପାଦକ ହର ବଣିଆ ସଂଯୋଜନା କରିଥିଲେ। ବର୍ତ୍ତମାନ ଚାଷୀମାନେ ସମ୍ମୁଖୀନ ହେଉଥିବା ଧାନବିକ୍ରି ସମସ୍ୟାଠାରୁ ଆରମ୍ଭ କରି ସଂଗଠନ ନିର୍ମାଣ, ଆଗାମୀ ଦିନମାନଙ୍କରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ଚାଷୀମାନେ ବାରମ୍ବାର ପ୍ରଶାସନକୁ ଫେରାଦ ହେବା ସତ୍ତ୍ୱେ ଧାନ ବିକ୍ରି ହୋଇପାରୁ ନ ଥିବା ଯୋଗୁ ଶିବିରରେ କ୍ଷୋଭ ପ୍ରକାଶ ପାଇଥିଲା। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବଦଳରେ ଟୋକନ ବ୍ୟବସ୍ଥାକୁ ସେଣ୍ଟ୍ରାଲାଇଜ୍ କରାଯାଇ ଥିବା ଯୋଗୁ ଚାଷୀମାନେ ଅଧିକ ହଇରାଣର ସମ୍ମୁଖୀନ ହେଉଥିବା ମତପ୍ରକାଶ ପାଇଥିଲା। ସେଥିପାଇଁ ଏହି ସମସ୍ୟାର ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବି ହୋଇଥିଲା। ବିଦ୍ୟୁତ୍ ବିଭାଗ ମଧ୍ୟ ଚାଷୀଙ୍କୁ ହଇରାଣ କରୁଥିବା ଯୋଗୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ନିର୍ବାଚନ ସମୟରେ ଚାଷୀ ତଥା କୃଷକ ସଂଗଠନ ମାନଙ୍କୁ ବିଭିନ୍ନ ଦଳର ନେତାମାନେ ବ୍ୟବହାର କରୁଥିବା ଭଳି ଘଟଣା ଦେଖିବାକୁ ମିଳୁଥିବା ଯୋଗୁ ଏ ନେଇ ସ୍ପଷ୍ଟ ଆଲୋଚନା କରାଯିବା ସହିତ ଆଗାମୀ ଦିନରେ କି କାର୍ଯ୍ୟକ୍ରମ ନିଆଯିବ ସେ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସମଗ୍ର ଦେଶରେ ବର୍ତ୍ତମାନ ଯେଉଁଳି ଧର୍ମ, ସମ୍ପ୍ରଦାୟ ନାମରେ ଘୃଣାର ରାଜନୀତି ଚାଲିଛି ଚାଲିଥିବା ଭାରତ ଯୋଡ଼ୋ ଯାତ୍ରାରେ ଜୟ କିଶାନ ଆନ୍ଦୋଳନର ଭୂମିକା ଓ ଭାଗିଦାରୀ ଉପରେ ମଧ୍ୟ ଆଲୋଚନା ହୋଇଥିଲା। କଷ୍ଟମ ମିଲିଂ ବ୍ୟବସ୍ଥାକୁ ଛତିଶଗଡ଼ ଢ଼ାଞ୍ଚାରେ କରିବାକୁ ଦାବି ହୋଇଥିଲା। ଆଗାମୀ ଦିନରେ ଜିଲାର ସମସ୍ତ ବ୍ଲକ ଅଞ୍ଚଳ ଗୁଡ଼ିକରେ ଧାନବିକ୍ରି, ବିଦ୍ୟୁତ ବିଲ୍, ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଥିବା ସମସ୍ୟା ନେଇ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ଚଞ୍ଚଳ ପ୍ରଧାନ, ମହେଶ୍ୱର ପ୍ରଧାନ, ଅରୁଣ ସାହୁ ଶିବିରରେ ଉପସ୍ଥିତ ଥିଲେ।

## ଶିବିରରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ


ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରୁଛନ୍ତି ।

ମଥୁରାନଗରୀ,୪।୧

ବରଗଡ଼ ଧନୁଯାତ୍ରା ଅବସରରେ ସ୍ଥାନୀୟ ମୀନାବଜାର ପଡ଼ିଆରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର ଚାଲିଛି। ମଙ୍ଗଳବାର ଏହି ଶିବିରକୁ ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦ ଉଦ୍‌ଘାଟନ କରିଥିଲେ। ଧନୁଯାତ୍ରା ଦେଖିବାକୁ ଆସୁଥିବା ଦର୍ଶକମାନେ ସ୍ୱତଃସ୍ଫୂର୍ତ୍ତଭାବେ ଏହି ଶିବିରରେ ରକ୍ତଦନ କରୁଛନ୍ତି। ଶିବିରରେ ୧୦୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ନିଷ୍ଠା ପରିବାରର ଉପଦେଷ୍ଟା ଦୁର୍ବାଦଳ ଷଡ଼ଙ୍ଗୀ, ଅଶ୍ୱିନୀ ତ୍ରିପାଠୀ, ସଭାପତି ରକ୍ଷପାଳ ସାହୁ, ଉପସଭାପତି କ୍ଷୀରୋଦ୍ର ସାହୁ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

## ନେହେରୁ ଯୁବକେନ୍ଦ୍ରର ପ୍ରଶିକ୍ଷଣ ଶିବିର

ମଥୁରାନଗରୀ,୪।୧

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ଅଧିନରେ କାର୍ଯ୍ୟ କରୁଥିବା ନେହେରୁ ଯୁବକେନ୍ଦ୍ର ତରଫରୁ ପରିଚାଳିତ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ହସ୍ତଶିଳ୍ପ ବିଭାଗର ସହନର୍ଦ୍ଦେଶକ ପୁଷ୍ପରଞ୍ଜନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଶିବିରରେ ଅନ୍ତର୍ଜାତୀୟ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ, ଯୁବ କୋଚ୍ କ୍ରିଷ୍ଣା, ଝସକେତନ ମେହେର ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନେହେରୁ ଯୁବ କେନ୍ଦ୍ରର ଯୁବ ଅଧିକାରୀ ରୋଶନ ଟଣ୍ଡନ, ଉପଦେଷ୍ଟା କମିଟି ସଭ୍ୟ ତ୍ରିଲୋଚନ ଶତପଥୀ ଶିବିର ପରିଚାଳନା କରିଥିଲେ। ଅନିଲ ସାହୁ, ଦୁର୍ଯ୍ୟୋଧନ ପାଣ୍ଡେ, ଟିକି ସାହୁ, ପ୍ରୀତି ପ୍ରଧାନ, ଜ୍ୟୋତି ବେହେରା, ତୁଳସୀରାମ ବରିହା ସହଯୋଗ କରିଥିଲେ। ସ୍ଥାନୀୟ ସ୍ୱୟଂସିଦ୍ଧା ଭବନରେ ଅନୁଷ୍ଠିତ ଶିବିରକୁ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଉଦ୍‌ଘାଟନ କରିଥିଲେ।

# ହାତତିଆରି ସାମଗ୍ରୀର ଚାହିଦା ବଢ଼ୁଛି

**ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ**

ମଥୁରାନଗରୀ,୪।୧


ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ଗ୍ରାହକଙ୍କ ଭିଡ଼ ।

ବରଗଡ଼ ଜୀରାନଦୀ କୂଳ ପ୍ରଦର୍ଶନୀ ପଡ଼ିଆରେ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ, ବିକାଶ ଆୟୁକ୍ତ(ହସ୍ତଶିଳ୍ପ) ପ୍ରୟୋଜିତ ଏବଂ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଡୋଭ୍, ଅନୁଗୋଳ ଦ୍ୱାରା ଆୟୋଜିତ ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ପ୍ରବଳ ଜନ ସମାଗମ ପରିଲକ୍ଷିତ ହେଉଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ମାଟି ତିଆରି ପାତ୍ର, ଗୃହ ଉପକରଣ, ଖେଳଣା ଗୁଡ଼ିକ ପ୍ରତି ଦର୍ଶକ ଆକୃଷ୍ଟ ହେଉଛନ୍ତି। ଖୋର୍ଦ୍ଧା ଜିଲାରୁ ଆସିଥିବା ଗୃହିଣୀ ସୁଲୋଚନା ବରାଡ଼ ଓ ପୁଷ୍ପାଞ୍ଜଳି ରାଉତରାଏ ହାତ ତିଆରି ସାମଗ୍ରୀ ଏବଂ ମେଶିନ ତିଆରି ସାମଗ୍ରୀ ଗୁଡ଼ିକୁ ପରୀକ୍ଷା କରିଥିଲେ। ହାତ ତିଆରି ସାମଗ୍ରୀ ଗୁଡ଼ିକ ପରୀକ୍ଷା କରି ଦର୍ଶକମାନେ ଏହାର ଗୁଣବତ୍ତା ଏବଂ ସ୍ଥାୟିତ୍ୱକୁ ବେଶ ପସନ୍ଦ କରିଥିଲେ ।

ଏତଦ୍‌ବ୍ୟତୀତ ପୁରୀର ପଟଚିତ୍ର, ଚାନ୍ଦୁଆ ଏବଂ ବରଡ଼ାପତ୍ରର କାମ, ମହୀଶୂରର ଧୂପକାଠି, କର୍ନାଟକର କାଠକାମ, ରାଜସ୍ଥାନର ଟାଏ ଆଣ୍ଡ ଡାଏ, ଜୁଏଲାରୀ, ଲକ୍ଷ୍ନୌର ବେଡ଼ସିଟ୍, ବେଡ୍ କଭର୍, ବରଗଡ଼, ସୋନପୁର ଏବଂ ସମ୍ବଲପୁରର ଶାଢ଼ି, କାଶ୍ମୀର ଶାଲ୍, ଢ଼େଙ୍କାନାଳର ଢ଼ୋକ୍ରା ଆଦି ହାତ ତିଆରି ସାମଗ୍ରୀ ଦର୍ଶକଙ୍କ ଦ୍ୱାରା ଆଦୃତ ହେଉଛି। ଏହି ପ୍ରଦର୍ଶନୀରେ ଭାରତର ବିଭିନ୍ନ ପ୍ରାନ୍ତରୁ ୧୦୦ଜଣ ନିପୁଣ ଶିଳ୍ପୀ ସେମାନଙ୍କ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନ କରିବା ସହିତ ବିକ୍ରୟ କରୁଛନ୍ତି। ଉକ୍ତ ପ୍ରଦର୍ଶନୀ ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଦର୍ଶନୀ ମାଧ୍ୟମରେ ହସ୍ତଶିଳ୍ପର ବ୍ୟାପକ ପ୍ରଚାର, ପ୍ରସାର କରି ହସ୍ତଶିଳ୍ପ କ୍ଷେତ୍ରରେ ବିପୁଳ କର୍ମ ନିୟୋଜନ ସୃଷ୍ଟି କରିବା ଉକ୍ତ ପ୍ରଦର୍ଶନୀର ଉଦ୍ଦେଶ୍ୟ। ଉକ୍ତ ପ୍ରଦର୍ଶନୀକୁ ବହୁସଂଖ୍ୟାରେ ହସ୍ତଶିଳ୍ପ ପ୍ରେମୀ ତଥା ବରଗଡ଼ ଜିଲାବାସୀ ପରିଦର୍ଶନ କରି ହସ୍ତଶିଳ୍ପ କାରିଗରମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଡୋଭ୍‌ର ସମ୍ପାଦକ ଅନିଲ କୁମାର ମିଶ୍ର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ବ୍ରଜରାଜନଗର ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ବ୍ରଜରାଜନଗର (ଡି.ଏନ.ଏ.): ବ୍ରଜରଜନଗର ମହାବିଦ୍ୟାଳୟର ୪୩ତମ ବାର୍ଷିକ କ୍ରୀଡ଼ା ଉଦଘାଟିତ ହୋଇଯାଇଛି। ଏଥିରେ ବ୍ରଜରଜନଗର ପୌରାଧାକ୍ଷା ଯାଜ୍ଞସେନୀ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ୨୪ଗୋଟି ଇଭେଣ୍ଟରେ ଭାଗ ନେଇଥିଲେ। ଆୟୋଜକ କମିଟିର ବିକାଶ ନାୟକ, ଆଶିଷ ଅଗସ୍ତି, ରତ୍ନପୂର୍ଣ୍ଣା ମହାନ୍ତି, ରାମଗୋପାଲ ପ୍ରଧାନ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ରେଙ୍ଗାଲିରେ ହକି ବିଶ୍ୱକପ୍ ଟ୍ରଫିଂକୁ ସ୍ୱାଗତ

**ରେଙ୍ଗାଲି,୪।୧(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ମିନି ଷ୍ଟାଡିୟମରେ ହକି ବିଶ୍ୱ କପ ଟ୍ରଫିଂକୁ ଭବ୍ୟ ସ୍ୱାଗତ କରାଯାଇଛି। ରେଙ୍ଗାଲି ତହସିଲ ଛକରୁ ସଂକୀର୍ତ୍ତନ, ଢୋଲ, ନିଶାନ ବଜାଇ ଟ୍ରଫିଂକୁ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଆଣାଯାଇଥିଲା। ସେଠାରେ ସମ୍ବଲପୁର ସବ୍‌କଲେକ୍ଟର ପ୍ରଭାସ ଦଣ୍ଡସେନା, ସୁଶାନ୍ତ ସାହୁ, ଆଡିସନାଲ ଏସ୍‌ପି ତପନ ମହାନ୍ତି, ଏସ୍‌ଡିପିଓ ପ୍ରଦୀପ ସାହୁ, ରେଙ୍ଗାଲି ଥାନା ଅଧିକାରୀ ଧବଳେଶ୍ୱର ସାହୁ, ରେଙ୍ଗାଲି ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତି, ରେଙ୍ଗାଲି ତହସିଲଦାର ବେରିସସ ଡୁଙ୍ଗଡୁଙ୍ଗ, ରେଙ୍ଗାଲି ବିଜେଡି ବ୍ଲକ ସଭାପତି ଅଶୋକ ଗୁରୁ, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଟ୍ରଫିଂକୁ ସ୍ୱାଗତ ଜଣାଇଥିଲେ।

### ବ୍ଲକସ୍ତରୀୟ ଫୁଟ୍‌ବଲ: ଘିଚାମୁରା ଚାମ୍ପିୟନ

**ରେଙ୍ଗାଲି,୪।୧(ଡି.ଏନ.ଏ.):** ରେଙ୍ଗାଲି ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୬ ପଞ୍ଚାୟତରୁ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଘିଚାମୁରା ଓ ଜଙ୍ଗଲା ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଘିଚାମୁରା ଚାମ୍ପିୟନ ହୋଇଥିଲା। ଆଗାମୀ ଜିଲାସ୍ତରୀୟ ଟୁର୍ଣ୍ଣାମେଣ୍ଟ ପାଇଁ ୧୯ ଜଣିଆ ଦଳ ଚୟନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟ ନାରାୟଣ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଘିଚାମୁରା ସରପଞ୍ଚ ରାଜୀବ କିଷାନଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ।

### ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ କମିଟି ଗଠନ

**ପଡିଆବାହାଲ, ୪।୧(ଡି.ଏନ.ଏ.):** ଝୁଝୁମୁରା ବ୍ଲକ ହିରୋ ଗ୍ରାମରେ ଆସନ୍ତା ୩୦ତାରିଖରେ ହନୁମାନ ମନ୍ଦିର ପ୍ରତିଷ୍ଠା ଅନୁଷ୍ଠିତ ହେବ। ରାଜାରାମ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କମିଟି ଗଠନ କରାଯାଇଛି। ସୁରେନ୍ଦ୍ର କୁମାର ବଗର୍ତ୍ତି ସଭାପତି, ସୁଧାଂଶୁ ଶେଖର ପଧାନ ଉପସଭାପତି, ଗୋକୁଳାନନ୍ଦ ସାହୁ ସମ୍ପାଦକ, ଯୁଧିଷ୍ଠିର ମାଝି ସହସମ୍ପାଦକ ଓ ନରେଶ ସାହୁ କୋଷାଧକ୍ଷ ମନୋନୀତ ହୋଇଛନ୍ତି। ଉପଦେଷ୍ଟା କମିଟିରେ ସସ୍ମିତା ଦେହୁରି, ସଚିଦାନନ୍ଦ ନାଏକ, ଅଶୋକ କୁମାର ଷଡ଼ଙ୍ଗୀ ଓ ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର ରହିଛନ୍ତି।

### ରାସ୍ତାପାର୍ଶ୍ୱରୁ ମୃତଦେହ ଜବତ

**ଝାରସୁଗୁଡ଼ା ଅଫିସ,୪।୧୨:** ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟ ରାସ୍ତାପାର୍ଶ୍ୱରୁ ପୋଲିସ୍ ବୁଧବାର ଏକ ମୃତଦେହ ଜବତ କରିଛି। ମୃତକ ହେଲେ ନିକଟସ୍ଥ ବାଲିଯୋରୀ ଗ୍ରାମର ବିନୋଦ ବାରଭାୟା ଓରଫ ଚୁନଚୁନ(୪୨)। ତାଙ୍କ ବଡଭାଇ ଗୋଲାପଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଝାରସୁଗୁଡା ଟାଉନ ଥାନା କେସ ନଂ୧୩/୨୩ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ୍ ତଦନ୍ତରୁ ଜଣାପଡିଛି, ଗୋଲାପଙ୍କ ଦେହ ଅସୁସ୍ଥ ହେବାରୁ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ଦେଖିବା ପାଇଁ ବିନୋଦ ଗତ ରାତିରେ ଚିକିତ୍ସାଳୟକୁ ଆସିଥିଲେ। ହେଲେ ସେ ଆଉ ରାତିରେ ଘରକୁ ଫେରି ନ ଥିଲେ। ବୁଧବାର ମୃତଦେହ ପଡିଥିବା ଦେଖି ଲୋକେ ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ୍ ତଦନ୍ତ ପରେ ଏହା ବିନୋଦଙ୍କର ବୋଲି ଜଣାପଡିଥିଲା।

### ପଞ୍ଚାୟତସ୍ତରୀୟ ଯାଦବ ବାର୍ଷିକ ସଭା

**କୁଚିଣ୍ଡା,୪।୧(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଗୋଛରା ପଞ୍ଚାୟତସ୍ତରୀୟ ଯାଦବ ବାର୍ଷିକ ସଭା ଉଲୁଣ୍ଡା ନଦୀ କୂଳରେ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବ୍ଲକ ଜୋନ ୧ ସଭାପତି ପରମାନନ୍ଦ ଷଣ୍ଢଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ସମ୍ବଲପୁର ଜିଲା ଯାଦବ ସମାଜ ସଭାପତି ବିରଞ୍ଚି ନାରାୟଣ ଦର୍ବା ମୁଖ୍ୟଅତିଥି, ଉପସଭାପତି ସନାତନ ଭଇଁଷା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯାଦବ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଆଲୋଚନା କରି ସଂଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ସମ୍ପାଦକ ଦେବାର୍ଚ୍ଚନ ଦର୍ବା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ ରୂପଧର ଭଇଁଷା ସଭା ପରିଚାଳନା କରିଥିଲେ। ଲଇଗୁରା ଗ୍ରାମର ସଂକୀର୍ତନ ଭଇଁଷାଙ୍କୁ ସର୍ବସମ୍ମତି କ୍ରମେ ପଞ୍ଚାୟତ ସଭାପତି ମନୋନୀତ କରାଯାଇଥିଲା। ବିପ୍ରମଣି ଭଇଁଷା ଧନ୍ୟବାଦ ଦଇଥିଲେ। ଏଥିରେ ଭିକାରୀ ଭଇଁଷା, ମାଧବାନନ୍ଦ ଷଣ୍ଢ, ଲୋକନାଥ କାହାଳୀ, ସରୋଜ ଭଇଁଷା, ଅଜୁ ଷଣ୍ଢ, କ୍ଷୀରୋଦ ପରୁଆ ସହଯୋଗ କରିଥିଲେ।

# ସମ୍ବଲପୁରରେ ହକି ବିଶ୍ୱକପ୍ ଟ୍ରଫିଂକୁ ସ୍ୱାଗତ

**ସମ୍ବଲପୁର,୪।୧(ବ୍ୟୁରୋ)**

ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଥିବା ପୁରୁଷ ହକି ବିଶ୍ୱକପ ଟ୍ରଫିଂକୁ ସମ୍ବଲପୁରରେ ଭବ୍ୟ ସ୍ୱାଗତ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପରେ ବୁଧବାର ସକାଳେ ମନ୍ଦଲିଆରୁ ଶୋଭାଯାତ୍ରା ବାହାରିଥିଲା। ପ୍ରଥମେ ମା’ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ଟ୍ରଷ୍ଟବୋର୍ଡ କର୍ମକର୍ତ୍ତା ଓ ପୂଜକମାନେ ଟ୍ରଫିରେ ସମଲେଇଙ୍କ ଚୂନରୀ ଲଗାଇ ମଙ୍ଗଳକାମନା କରିଥିଲେ। ପରେ ଶୋଭାଯାତ୍ରା ସହର ପରିକ୍ରମା କରି ହାୱା ମଇଦାନରେ ପହଞ୍ଚିଥିଲା। ସେଠାରେ ପ୍ରଶାସନ ପକ୍ଷରୁ ଜିଲାପାଳ ଅନନ୍ୟା ଦାସ, କମିଶନର ପ୍ରଦିପ କୁମାର ସାହୁ, ଏସ୍‌ପି ବାତୁଲା ଗଙ୍ଗାଧର, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳ, ଜିଲା କ୍ରୀଡା ଅଧିକାରୀ ଲୋପାମୁଦ୍ରା କାଲୋ, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ସଞ୍ଜୟ ବାବୁ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା। ଫୁଟ୍‌ବଲ, ହକି ଓ ଅନ୍ୟାନ୍ୟ ଖେଳ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ରାଜନେତା, ବିଭିନ୍ନ ସମାଜିକ ଅନୁଷ୍ଠାନର ସଦସ୍ୟ ସାମିଲ ରହିଥିଲେ। ଫୋର-ସି ଗ୍ରାଉଣ୍ଡରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ନାଚଗୀତରେ ଧୁମ୍ ମଚାଇଥିଲେ ଯୁବତୀଯୁବକ ଓ ଛାତ୍ରୀଛାତ୍ର। ଆୟୋଜିତ ମିନି ମାରାଥନ ପ୍ରତିଯୋଗିତାରେ ପୁରୁଷ ବର୍ଗରେ ଆକାଶ ମିର୍ଦ୍ଧା ପ୍ରଥମ, ଅନସେଲେନ ଲୁଗୁନ ଦ୍ୱିତୀୟ, ରୋଶନ ବେହେରା ତୃତୀୟ, ସୁମନ୍ତ ମିର୍ଦ୍ଧା ଚତୁର୍ଥ, ପବନ କୁମାର ଯାଦବ ପଞ୍ଚମ, ସୁମିତ ମିର୍ଦ୍ଧା ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବର୍ଗରେ ଅମ୍ବିକା ଡିଲା ପ୍ରଥମ, ସୋନିଆ କୁଜୁର ଦ୍ୱିତୀୟ, ସାଇନା ପରଓ୍ୱିନ ତୃତୀୟ, ରିଂସା ଯାଦବ ଚତୁର୍ଥ, ନିତୁ କେବଟ ପଞ୍ଚମ ଓ ଜାନକୀ ଓରାମ ଷଷ୍ଠ ସ୍ଥାନ ହସଲ କରିଥିଲେ। ପରେ ସାଇକେଲ ରାଲି ଫୋର-ସିରୁ ବାହାରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଟ୍ରଫିଂକୁ ଜିଏମ୍‌ୟୁରେ ଭବ୍ୟ ସ୍ୱାଗତ କରାଯାଇଥିଲା। ରେଙ୍ଗାଲି ନୂଆ ରମ୍ଭେଲା ମିନି ଷ୍ଟାଡିୟମଠାରେ ହକି ମ୍ୟାଚ ଆୟୋଜନ କରି ଭବ୍ୟ ସ୍ୱାଗତ କରାଯିବା ପରେ ଟ୍ରଫି ଝାରସୁଗୁଡା ଜିଲା ଅଭିମୁଖେ ବାହାରିଥିଲା।



ସମଲେଇ ମନ୍ଦିରଠାରେ ଟ୍ରଫିଂକୁ ସ୍ୱାଗତ କରାଯାଉଛି ।

# କ୍ରିକେଟ ଟୁର୍ନାମେଣ୍ଟ: ବାଟଗାଁ ଚାମ୍ପିୟନ

**ନାକଟିଦେଉଳ,୪।୧(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଗୋଗୁଆ ପଞ୍ଚାୟତର ଗୋଗୁଆ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମା’ ଛଅ ଭାୟାବୁଢୀ କପ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ରେଢାଖୋଲର ଚାରଭାଟି ଓ ନାକଟିଦେଉଳ ବ୍ଲକର ବାଟଗାଁ ମଧ୍ୟରେ ହୋଇଥିଲା। ବାଟଗାଁ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୬ ଉଇକେଟ ହରାଇ ୧୦୭ରନ କରିଥିଲା। ଜବାବରେ ଚାରଭାଟି ଦଳ ୯ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୪୮ରନ କରି ମ୍ୟାଚ ହାଇଯାଇଥିଲା। ଚାମ୍ପିୟନ ବାଟଗାଁ ଦଳର ଲିଟୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଚାରଭାଟିର ବାପୁନାଙ୍କୁ ମ୍ୟାନ ଅଫ ଦି ସିରିଜ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣୀ ସଭାରେ ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ମାନଗୋବିନ୍ଦ ସାହୁ ମୁଖ୍ୟବକ୍ତା ଓ ଗୋଗୁଆ ସରପଞ୍ଚ ଧନେଶ୍ୱର ସାହୁ, ସମିତିସଭ୍ୟ ଅମୂଲ୍ୟ କୁମାର ପ୍ରଧାନ, ପାଣିମୁରା ସରପଞ୍ଚ ଜଗନ୍ନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଜିତେନ୍ଦ୍ର କୁମାର ସାହୁ ଓ ରାଜକିଶୋର ସାହୁ ମ୍ୟାଚ ପରିଚାଳନା କରିଥିଲେ।




ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି ଅତିଥି।

# କାଳୀୟ ଦଳନରେ କଂସ ମର୍ମାହତ

**ଝାରସୁଗୁଡ଼ା ଅଫିସ,୪।୧**

ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ବୁଧବାର ପଞ୍ଚମ ଦିବସରେ ଗୋପପୁରରେ କାଳୀୟ ଦଳନ, ଗୋପୀମାନଙ୍କ ବସ୍ତ୍ର ହରଣ ଓ ଗୋପୀଙ୍କ ଦହିବିକା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲୋନୀ ପୋଖରୀରେ ପାରମ୍ପରିକ ରୀତିନୀତିରେ କୃଷ୍ଣ ନୌକାରେ ବସି କାଳୀୟ ଦଳନ କରିଥିଲେ। ପୋଖରୀ କୂଳରେ ଗୋପୀଙ୍କ ବସ୍ତ୍ର ହରଣ ହୋଇଥିଲା। ସେହିପରି ମଥୁରାପୁରରେ କାଳୀୟ ଦଳନରେ କଂସ ମର୍ମାହତ, ନାରଦଙ୍କ ସହିତ ଆଲୋଚନା ଓ ରଙ୍ଗସଭା, ଧନୁଯାତ୍ରାର ଆଲୋଚନା, ଅକ୍ରୁରଙ୍କୁ ଗୋପପୁର ପ୍ରେରଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଂସଙ୍କ ନିମନ୍ତ୍ରଣ ରକ୍ଷାକରି ରାଜ ଅତିଥି ଭାବେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ବିଧାୟିକା ଅଳକା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମଥୁରାପୁର ଓ ଗୋପପୁରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



କଂସ ଦରବାରରେ ମଞ୍ଚାସୀନ ଅତିଥିବୃନ୍ଦ ।

# ନାକଟିଦେଉଳ ବ୍ଲକସ୍ତରୀୟ ମୃତ୍ତିକା ମେଳା

**ନାକଟିଦେଉଳ,୪।୧(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ଡ଼ଇଁଚା ପଞ୍ଚାୟତର ତେରବେଢ଼ା ଗ୍ରାମରେ ବୁଧବାର କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ନେଇ ବ୍ଲକସ୍ତରୀୟ ମୃତ୍ତିକା ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କୃଷି ଅଧିକାରୀ ପ୍ରହ୍ଲାଦ କୁମାର ସେନାପତି ଅଧକ୍ଷତା କରିଥିଲେ। ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ ମୁଖ୍ୟଅତିଥି ଓ ରେଢାଖୋଲ କୃଷି ଜିଲା ଅଧିକାରୀ ସୁବ୍ରତ କୁମାର ସାହୁ, ନାକଟିଦେଉଳ ବ୍ଲକର ସହକାରୀ ଉଦ୍ୟାନ ଅଧିକାରୀ ପଦ୍ମାବତୀ ହାଂସଦା, ବ୍ଲକ ଉପାଧକ୍ଷ ଜିତେନ୍ଦ୍ରିୟ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ସମ୍ବନ୍ଧରେ ଆଲୋଚନା କରି କୃଷକମାନେ ମୃତ୍ତିକା ପରୀକ୍ଷା ପରେ ଯେଉଁ କାର୍ଡ଼ ପାଇବେ ସେ ଅନୁଯାୟୀ ଜମିରେ ସାର ଓ ଔଷଧ ପକାଇ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼ଇଁଚା ସରପଞ୍ଚ ସୌଦାମିନୀ ପ୍ରଧାନ, ସମିତିସଭ୍ୟ ପ୍ରବୀଣ କୁମାର ପ୍ରଧାନ, ଗୋଗୁଆ ସରପଞ୍ଚ ଧନେଶ୍ୱର ପ୍ରଧାନ, ସମିତିସଭ୍ୟ ଅମୂଲ୍ୟ ପ୍ରଧାନ, ଶିମିଳିପାଳ ସରପଞ୍ଚ ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ କୃଷି ଅଧିକାରୀ ମଧୁମତୀ ମୁର୍ମୁ ଏହାକୁ ପରିଚାଳନା କରିଥିଲେ। ଏହି ମେଳାରେ ବ୍ଲକର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ କୃଷକ ଓ କୃଷକ ସାଥୀ ଯୋଗଦେଇଥିଲେ।

# ଜଙ୍ଘା ବଡଦେଓଙ୍କ ବାର୍ଷିକ ପୂଜା

**ଝାରସୁଗୁଡ଼ା ଅଫିସ/ବ୍ରଜରାଜନଗର, ୪।୧(ଡି.ଏନ.ଏ.)**

ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା କୋଲାବିରା ବ୍ଲକ ତରଫରୁ ଗୋଁଣ୍ଡମାନଙ୍କ ଆରାଧ୍ୟ ଦେବତା ଜଙ୍ଘାଲିଙ୍ଗାଙ୍କର ବାର୍ଷିକ ପୂଜା ବୁଧବାର ତେଲେଙ୍ଗା ପଡାଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ କଳସ ଯାତ୍ରା ଓ ପୂଜାର୍ଚ୍ଚନା ପରେ ଜଙ୍ଘାଲିଙ୍ଗାଙ୍କ ଆବିର୍ଭାବ ଓ ତାଙ୍କର ମହିମା ବିଷୟରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ସୂଚନା ଦେଇଥିଲେ। ଏହି ପୂଜାର ମୁଖ୍ୟ କର୍ତ୍ତା ଭାବରେ ପରମେଶ୍ୱର ଭୋଇ ଓ ତାଙ୍କ ସ୍ତ୍ରୀ ଭୂମିସୁତା ଭୋଇ କାର୍ଯ୍ୟ ସମାପନ କରିଥିଲେ। ପୂଜକ ତରୁଣ ନାଏକ ପୂଜାକାର୍ଯ୍ୟ କରିଥିବାବେଳେ ବ୍ଲକ ସଭାପତି ରୁଦ୍ର ପ୍ରତାପ ସିଂ, କାର୍ଯ୍ୟକାରୀ ସମ୍ପାଦକ କମଳ ଧୁରୁଆ, ଜିଲା ସଭାପତି ଡମ୍ବରୁଧର ନାଏକ, ବୁନ୍ଦେ ଧୁରୁଆ, ଚିନ୍ତାମଣି କାଲୋ, ଗୋବିନ୍ଦ ଚନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ବ୍ରଜରାଜନଗର କୁଦପାଲି ଗ୍ରାମରେ ଶ୍ରୀ ଜଙ୍ଘା ବଡ଼ଦେଓଙ୍କ ୨୪ତମ ବାର୍ଷିକ ପୂଜା ପାଳିତ ହୋଇଯାଇଛି। ମହିଳାମାନେ ୧୦୮ କଳସଯାତ୍ରାରେ ଆସି ପୂଜାସ୍ଥଳୀରେ ସ୍ଥାପନ ଆଣିଥିଲେ। ବୁଧବାର ଦଶରଥ ନାଏକ ଗୋଣ୍ଡୱାନା ଧ୍ୱଜା ଉତ୍ତୋଳନ କରିବା ପରେ ଜଙ୍ଘାଦେଓଙ୍କୁ ମନ୍ଦିରରୁ ପୂଜାସ୍ଥଳୀକୁ ଅଣାଯାଇଥିଲା। ଟିକନୁ ନାଏକ ଓ ତାଙ୍କ ସହଧର୍ମିଣୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ବ୍ରଜରାଜନଗର ପୌର ଅଧକ୍ଷା ଯାଜ୍ଞସେନି ଓରାମ, କୁଦୋପାଲି ପଞ୍ଚୟାତ ସମିତିସଭ୍ୟା ରଶ୍ମିତା ପ୍ରଧାନ, ପତ୍ରାପାଲି ସରପଞ୍ଚ ଖଗେଶ୍ୱର ନାଏକ, ପୁଟ୍ରାଡେରା ଗୁଡି ସଭାପତି ଦୁର୍ଗାଚରଣ ନାଏକ, ବନ୍ଧବାହାଲ ଗୁଡି ସଭାପତି ନିର୍ମଳ ଦେଓ ପ୍ରମୁଖ ମଞ୍ଚାସୀନ ଥିଲେ।

# ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ

**ନାକଟିଦେଉଳ,୪।୧(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଅଧକ୍ଷ ରମେଶ କୁମାର ଅଗ୍ରୱାଲା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମବର୍ଷର ମୋଟ ୬୪ ଛାତ୍ରୀ ଏଥିରେ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରୁଛନ୍ତି। ମାଷ୍ଟର ଟ୍ରେନର ଭାବେ ଦୀପାଞ୍ଜଳି ବାର୍ଲା ଯୋଗଦେଇ ତାଲିମ ପ୍ରଦାନ କରୁଛନ୍ତି। ଆସନ୍ତା ୧୩ତାରିଖରେ ଶିବିର ଉଦ୍‌ଯାପିତ ହେବ। ଶିବିରର ସଂଯୋଜିକା ଅଧ୍ୟାପିକା ସୁବାଷିନୀ ବେହେରା ଓ ଇଂରାଜୀ ଅଧ୍ୟାପକ ପତିତ ମହାନନ୍ଦ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀ ଆତ୍ମସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ।

# ବିରାଟର ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ



ବିରାଟ ଶିକ୍ଷାନୁଷ୍ଠାନରେ ପରୀକ୍ଷାଫଳ ପ୍ରକାଶ କରାଯାଉଛି ।

**ସମ୍ବଲପୁର,୪।୧(ବ୍ୟୁରୋ)**

ସମ୍ବଲପୁର ସହଯୋଗନଗରସ୍ଥିତ ବିରାଟ ଶିକ୍ଷାନୁଷ୍ଠାନ ପକ୍ଷରୁ ମେଧାବୃତ୍ତି-୨୦୨୨ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଅଧକ୍ଷ ରାହୁଲ ରାଜ ଫଳ ତାଲିକା ପ୍ରକାଶ କରି ଚଳିତବର୍ଷ କୃତୀ ଛାତ୍ରୀଛାତ୍ରଙ୍କୁ ଶତପ୍ରତିଶତ ମେଧାବୃତ୍ତି ପ୍ରଦାନ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ନଭେମ୍ବର ଓ ଡିସେମ୍ବର ମାସରେ ପରୀକ୍ଷା ହୋଇଥିଲା। ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କୁ ଫାଉଣ୍ଡେସନ ପାଠ୍ୟକ୍ରମରେ ଆଡ୍‌ମିସନ ପାଇଁ ଛାତ୍ରବୃତ୍ତି ମିଳିବ। ସେହିପରି ଦଶମ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କୁ ଯୁକ୍ତ ୨ ଇଣ୍ଟିଗ୍ରେଟେଡ, ଯୁକ୍ତ ୨ ରେଗୁଲାର ପାଠ୍ୟକ୍ରମରେ ବୃତ୍ତି ଦିଆଯିବ। ଏହାବ୍ୟତୀତ ଯେଉଁ ଛାତ୍ରୀଛାତ୍ର ଦ୍ୱାଦଶ ପାଇଁ ପରୀକ୍ଷା ଦେଇଥିଲେ ସେମାନଙ୍କୁ ଇଞ୍ଜିନିୟରିଂ ଓ ମେଡିକାଲ ପ୍ରସ୍ତୁତି ଲାଗି ଆଡ୍‌ମିସନ ମିଳିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ନିଶା ନିବାରଣ ପାଇଁ ସଚେତନତା



ନିଶା ନିବାରଣ ପାଇଁ ମହିଳାମାନେ ଏକାଠି ହୋଇଛନ୍ତି ।

**ଝାରସୁଗୁଡ଼ା ଅଫିସ,୪।୧**

ଲଖନପୁର ବ୍ଲକ୍ ଜାମଗାଁ ପଞ୍ଚାୟତ ତେଲେନ ଗ୍ରାମରେ ବେଆଇନ ନିଶାକାର କାରବାର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ପରିବାରରେ ଅଶାନ୍ତି ଦେଖାଦେଉଛି। ଏହି ପରିପ୍ରେକ୍ଷୀରେ ଏସ୍‌ଏଚ୍‌ଜି ଗ୍ରୁପ୍ ଏକତ୍ରିତ ହୋଇ ଗ୍ରାମକୁ ନିଶାମୁକ୍ତ କରିବାପାଇଁ ଅଣ୍ଟା ଭିଡିଛନ୍ତି। ଗ୍ରାମ ଓ ଆଖପାଖର ଗ୍ରାମର ୭ ଏସ୍‌ଏଚ୍‌ଜିର ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ବାହାରି ତେଲେନ ଓ ପ୍ରଧାନଡେରା ଗ୍ରାମ ପରିକ୍ରମାକରି ନିଶା ନିବାରଣ ପାଇଁ ଲୋକଙ୍କୁ ସଚେତନ କରାଇଥିଲେ। ପରେ ସ୍ଥାନୀୟ ସରପଞ୍ଚ ଗୋପିନାଥ ସାଏଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ଏଚ୍‌ଜି ମହିଳା ଯୋଗଦେଇ ନିଶା ନିବାରଣ ନେଇ ଏକ ୧୦ଜଣିଆ କମିଟି ଗଠନ କରିଛନ୍ତି। ଏଥିରେ ସଭାନେତ୍ରୀ ରକୁଣୀ ଭୋଇ, ସମ୍ପାଦିକା କିଆ ସୁନା, କୋଷାଧ୍ୟକ୍ଷା ଉର୍ମିଳା ମହାନନ୍ଦ ପ୍ରମୁଖ ରହିଛନ୍ତି।

# କୁଟୁରାଚୁଆଁ କଲେଜରେ ଆତ୍ମରକ୍ଷା ତାଲିମ ଶିବିର

**କୁଚିଣ୍ଡା,୪।୧(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ଜୁନିୟର କଲେଜରେ ବୁଧବାର ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅଧାପକ ସତ୍ୟନାରାୟଣ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲଇଡାସ୍ଥିତ ଦୂତିକା ସାହୁ କଲେଜର ଆତ୍ମସୁରକ୍ଷା ଦାୟିତ୍ୱରେ ଥିବା ଅଧାପିକା ମଧୁମିତା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିବିରର ଉପକାରିତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଲଇଡା କଲେଜ ଅଧାପକ ବିଶ୍ୱନାଥ ପଟେଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନେ ତାଲିମକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଅଧାପକ କୃଷ୍ଣଚନ୍ଦ୍ର ପୂଜାରୀ ସଭା ପରିଚାଳନା କରିଥିବା ବେଳେ ଅଧାପକ ସୁଧୀର କୁମାର ନାଏକ ଧନ୍ୟବାଦ ଦେଇଥିଲେ। ମାଷ୍ଟର ଟ୍ରେନର ଉପାସି ନାଏକ, ଶିକ୍ଷା ଡେମୋଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ, ଡିଇଓ ସମିନ ରଞ୍ଜନ ନାଏକଙ୍କ ସମେତ ଏକାଦଶ ଶ୍ରେଣୀର ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।




ଶିବିରରେ ଯୋଗଦେଇଥିବା ଅତିଥି।

# ଡିଅରପାର୍କରେ ଖୋଲିଲା ଉଦ୍ଭିଦ ଉଦ୍ୟାନ

## ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ

**ସମ୍ବଲପୁର,୪।୧(ବ୍ୟୁରୋ)**

ସମ୍ବଲପୁର ଚିଡିଆଖାନା (ଡିଅରପାର୍କ)ରେ ବୁଧବାର ଉଦ୍ଭିଦ ଉଦ୍ୟାନ ଉଦ୍‌ଘାଟିତ ହୋଇଯାଇଛି। ପିସିସିଏଫ ଦେବୀଦତ୍ତ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଅରୁଣ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗୁରୁବାରଠାରୁ ଏହା ପର୍ଯ୍ୟଟକଙ୍କ ପାଇଁ ଖୋଲାଯିବ। ପର୍ଯ୍ୟଟକ ସଂଖ୍ୟାରେ ବୃଦ୍ଧି ଘଟିବା ସହ ଡିଅରପାର୍କର ସୌନ୍ଦର୍ଯ୍ୟ ଆହୁରି ବଢିବ ବୋଲି ବନ ବିଭାଗ ଆଶା କରିଛି। ଏ ସମ୍ପର୍କରେ ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇ କହିଛନ୍ତି, ସମ୍ବଲପୁର ଡିଆରପାର୍କ ବହୁ ପୁରାତନ। ୧୯୮୦ ମସିହାରେ ଏହା ଉଦ୍‌ଘାଟନ କରାଯାଇଥିଲା। ଏବେ ଏଠାରେ କଲରାପତରିଆ ବାଘ, ଭାଲୁ, ହରିଣ ଭଳି ୧୮ରୁ ଉର୍ଦ୍ଧ୍ୱ ବନ୍ୟପ୍ରାଣୀ ରହିଛନ୍ତି। ପ୍ରତ୍ୟହ ଏଠାକୁ ପର୍ଯ୍ୟଟକ ଆସୁଥିବାବେଳେ ଛୁଟି ଦିନରେ ସଂଖ୍ୟା ୧୨ଶହ ପର୍ଯ୍ୟନ୍ତ ହୋଇଥାଏ। ବରିଷ୍ଠ ନାଗରିକଙ୍କ ପାଇଁ ବ୍ୟାଟେରି ଚାଳିତ ଯାନ ବ୍ୟବସ୍ଥା ରହିଛି। ଚିଡିଆଖାନା ଭିତରେ ପ୍ରାୟ ୧ କି.ମି. ଚଲାପଥ ରହିଛି। ଉଭୟ ପାର୍ଶ୍ୱରେ ୫ ଶହ ପ୍ରଜାତିର ଫୁଲଗଛ ଲଗାଯାଇଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ସୁନ୍ଦର ପରିବେଶ ସୃଷ୍ଟି କରାଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହା ଖୋଲା ରହିବ। ଯେଉଁମାନେ ଚାହିଁବେ ପ୍ରାତଃ ଓ ସନ୍ଧ୍ୟା ଭ୍ରମଣରେ ମଧ୍ୟ ଯାଇପାରିବେ। ଟିକଟ ବ୍ୟବସ୍ଥା ରହିଥିବାବେଳେ ମାସକ ପାଇଁ ଟିକେଟ କାଟିଲେ ରିହାତି ମିଳିବ ବୋଲି ଡିଏଫ୍‌ଓ ଦାସ କହିଛନ୍ତି।



ଡିଅରପାର୍କରେ ଉଦ୍ଭିଦ ଉଦ୍ୟାନ ଉଦ୍‌ଘାଟନ କରାଯାଉଛି ।

## ବେହେରା ବସୁଧା ପମ୍ପ ହାଉସରୁ ପୁଣି ଚୋରି

ବେହେରା,(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗ୍ରାମ ବସୁଧା ପମ୍ପ ହାଉସରୁ ମଙ୍ଗଳବାର ପୁଣି ବିଦ୍ୟୁତ୍ ତାର ଚୋରି ହୋଇଛି। ଫଳରେ ପାଣି ଯୋଗାଣ ବନ୍ଦ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଗତ ଜୁଲାଇରେ ଗ୍ରାମ୍ୟଜଳ ଯୋଗାଣ ପ୍ରକଳ୍ପ ବସୁଧା ପମ୍ପ ହାଉସ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ବୈଦ୍ୟୁତିକ ଯନ୍ତ୍ରାଂଶ ଚୋରି କରିବା ସହ ଅନେକ ଯନ୍ତ୍ରାଂଶ ଭାଙ୍ଗି ଦେଇଥିଲେ। କୋକସରା ଥାନାରେ ବେହେରା ସରପଞ୍ଚ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ୬ ମାସରେ ୫ଥର ଏହି ପମ୍ପ ହାଉସରୁ ତାର ଚୋରି ହେଲାଣି।

# ଧାନ ଉଠୁ ନାହିଁ, ପ୍ରତିବାଦରେ ଚାଷୀଙ୍କ ଧାରଣା

ନୂଆପଡ଼ା ଅଫିସ,୪।୧

ସଦର ବ୍ଲକ ଧରବନ୍ଧା ଓ ସାରାବଙ୍ଗ ମଣ୍ଡିରୁ ଧାନ ଉଠୁ ନ ଥିବା ପ୍ରତିବାଦରେ ବୁଧବାର ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରେ ଧାରଣା ଦେଇଛନ୍ତି। ଜିଲାର ଉପର ଜୋଙ୍କ ଜଳସେଚନ ପ୍ରକଳ୍ପର ଖରିଫ ପାଣି ଆବଣ୍ଟନ ମାମଲା ଦିନକୁ ଦିନ ଜଟିଳ ହେବାକୁ ଲାଗିଥିବା ବେଳେ ତାହା ଏବେ ଜିଲାରେ ଚାଲିଥିବା ଖରିଫ ମଣ୍ଡିକୁ ପ୍ରଭାବିତ କରିଛି। ପ୍ରାପ୍ତ ସୂଚନାନୁଯାୟୀ ଉପର ଜୋଙ୍କ ଜଳସେଚନ ପ୍ରକଳ୍ପର ତଳମୁଣ୍ଡ ଚାଷୀଙ୍କ ଚଳିତବର୍ଷ ପାଳିଥିବା ଦାବି କରି ଆସୁଥିବା ବେଳେ ଉପରମୁଣ୍ଡ ଚାଷୀ ଏହାକୁ ବିରୋଧ କରୁଛନ୍ତି। ଜୋଙ୍କ ଜଳସେଚନ ପ୍ରକଳ୍ପର ଉପର ମୁଣ୍ଡରେ ଥିବା ୧ ରୁ ୫ ନମ୍ବର ପର୍ଯ୍ୟନ୍ତ ପାଣି ପଞ୍ଚାୟତ ଅଧୀନରେ ଧରମବନ୍ଧା ଓ ସାରାବଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ଆସୁଥିବା ବେଳେ ଗତ କିଛି ଦିନ ହେବ ମଣ୍ଡିଗୁଡ଼ିକରୁ ଧାନ ଉଠାଣ ହେଉ ନ ଥିବାରୁ ହଜାର ହଜାର ବସ୍ତା ଧାନ ପଡି ରହିଛି। ଏହା ବ୍ୟତିତ ଧାନ ଉଠାଣ



ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରେ ଚାଷୀ ଧାରଣାରେ ବସିଛନ୍ତି।

ହେଉ ନ ଥିବାରୁ ଚାଷୀଙ୍କ ଟୋକନ ଅବଧି ସରି ଯିବାର ମଧ୍ୟ ସମ୍ଭାବନା ଦେଖା ଦେଲାଣି। ଗତ ୨ ଦିନ ହେଲେ ଜିଲାରେ କୋହଲ ପାଗ ରହୁଥିବାରୁ ଅସନ୍ନ ବର୍ଷା ଆଶଙ୍କାରେ ଚାଷୀ ଧାନର ସୁରକ୍ଷା ନେଇ ଚିନ୍ତାରେ ବସିଛି। ଏହାକୁ ନେଇ ଉଭୟ ସମବାୟ ସମିତି ଅନ୍ତର୍ଗତ ଚାଷୀମାନେ ଜିଲାପାଳଙ୍କ ସହ ଆଲୋଚନା କରି ମିଲର୍ସମାନେ ମଣ୍ଡିକୁ ଆସୁ ନ ଥିବା ଅଭିଯୋଗ କରି ତୁରନ୍ତ ବିକଳ୍ପ ବ୍ୟବସ୍ଥା ପାଇଁ ଦାବି କରିଥିଲେ। ଜିଲା ପ୍ରଶାସନର ଟାଳଟୁଳ ନୀତିକୁ ବିରୋଧ କରି ବୁଧବାର ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବା ସହ କାର୍ଯ୍ୟାଳୟ ଭିତରେ ଧାରଣାରେ ବସିଥିଲେ। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ଜି. ପ୍ରଭାକର ପାତ୍ରଙ୍କୁ ପଚାରିବାରୁ ଧରମବନ୍ଧା ଓ ସାରାବଙ୍ଗ ସମବାୟ ସମିତି ଅଧୀନ ମଣ୍ଡିରୁ ଧାନ ନ ଉଠିବା ସ୍ୱୀକାର କରିବା ସହ ଏ ସମ୍ପର୍କରେ ମୁଁ ସେହି ମଣ୍ଡି ସହ ସଂଲଗ୍ନ ମିଲର୍ସମାନଙ୍କ ସହ ଆଲୋଚନା କରିଥିଲି। କିନ୍ତୁ ଡୁମେରପାଣି ଗ୍ରାମ ମିଲ ମାଲିକଙ୍କୁ ସେଠାକାର ଚାଷୀମାନେ ଧାନ ଉଠାଣ

### ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଲେ

ନ କରିବା ପାଇଁ ଧମକ ଦେଇଥିଲେ। ସେଥିପାଇଁ ମିଲର୍ସମାନେ ଧାନ ଉଠାଣ କରୁ ନ ଥିବା ଜଣାଇଥିଲେ। ଏହାର ଶୀଘ୍ର ବିକଳ୍ପ ବ୍ୟବସ୍ଥା ଅନୁଯାୟୀ ପଡୋଶୀ ବରଗଡ ଜିଲାର ମିଲର୍ସମାନଙ୍କୁ ସଂଲଗ୍ନ କରିବା ନେଇ ସରକାରଙ୍କୁ ଜଣାଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଚାଷୀ ନେତା ଭରତ ରାଉତ ଏହାକୁ ମିଛ ବୋଲି କହିବା ସହ ଧାନ ଉଠାଣ ଶେଷ ପର୍ଯ୍ୟାୟକୁ ଆସିଲାଣି। ଅଧିକ କଟନି ଛଟନି କରିବା ପାଇଁ ଏହା ଏକ ଆଳ ବୋଲି ଅଭିଯୋଗ କରିଛନ୍ତି। ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ସଦର ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ସାମାଜିକ କର୍ମୀ ଧନୀରାମ ସାହୁ, ଦେବାନନ୍ଦ ସାହୁ, ପ୍ରେମ ନାଏକ, ମନୁ ଚନ୍ଦ୍ରକାର, ଗୋପାଲ ପଟେଲ, ମନୋଜ ବଞ୍ଜାରା, ମୋତି ନିର୍ମଳକର ପ୍ରମୁଖ ଚାଷୀଙ୍କ ଧାନ ଶୀଘ୍ର ଉଠାଯିବା ପାଇଁ ଦାବି କରିଛନ୍ତି।

## ସଂକ୍ଷେପରେ

### ନୂଆପଡା ଜିଲାରେ ନୂତନ ଏସ୍‌ପିଙ୍କ ଯୋଗଦାନ



ନୂଆପଡ଼ା ଅଫିସ,୪।୧: ନୂଆପଡା ଜିଲାରେ ନୂତନ ଆରକ୍ଷୀ ଅଧୀକ୍ଷକ ଭାବେ ରାଘବେନ୍ଦ୍ର ଗୁନ୍ଦଲା ରେଡ୍ଡୀ ଯୋଗଦାନ କରିଛନ୍ତି। ବୁଧବାର ଏସପି କାର୍ଯ୍ୟାଳୟଠାରେ ପୂର୍ବତନ ଏସପି ପ୍ରତ୍ୟୁଷ ଦିବାକର ନୂତନ ଭାବେ ଯୋଗଦାନ କରିଥିବା ଏସପି ରେଡ୍ଡୀଙ୍କୁ କାର୍ଯ୍ୟଭାର ହସ୍ତାନ୍ତର କରିବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପୂର୍ବରୁ ସେ ବାଲିଗୁଡା ଏସଡିପିଓ ଭାବେ କାର୍ଯ୍ୟରତ ଥିଲେ। ନୂଆପଡା ଏସ୍‌ପି ଦିବାକର ସୁନ୍ଦରଗଡ ଏସ୍‌ପି ଭାବେ ଦାୟିତ୍ୱ ନେବେ।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ତୁଣ୍ଡଲା,୪।୧(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଉଚ୍ଚ ମାଧମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ନେଇ ଆତ୍ମସୁରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତା ଭାବେ ଇଂଲିଶ ଅଧାପକ ବିଭୁଦେନ୍ଦୁ ମହାନ୍ତି ଆତ୍ମ ସୁରକ୍ଷା ନେଇ କିପରି ନିଜକୁ ନିରାପଦ ରଖି ପାରିବେ ସେ ବିଷୟରେ ସମ୍ୟକ ଧାରଣା ଦେଇ ଛାତ୍ରୀମାନଙ୍କୁ ବୁଝାଇଥିଲେ। ସଂଯୋଜକ ସନ୍ତୋଷ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ଭାବେ କୁସୁର୍ଲା ଅମର କଲେଜ ଛାତ୍ରୀ ଦିବ୍ୟ ଭାରତୀ ମାଝି ଯୋଗଦେଇଥିଲେ। ଏହା ୧୦ ଦିନ ଧରି ଚାଲିବ ଏବଂ ଏଥିରେ ମୋଟ ୬୨ଜଣ ଛାତ୍ରୀ ତାଲିମ ନେବେ ବୋଲି ଅଧକ୍ଷ ମତଦାନ କରିଛନ୍ତି। ଏଥିରେ ଲାଇବ୍ରେରିୟାନ ଜିତେନ୍ଦ୍ରିୟ ବାରିକ, ନବୀନ ଗହୀର, ଦୈତାରୀ ପଧାନ, ଭୈରବ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଅଧାପିକା ପୁଷ୍ପାଞ୍ଜଳି ରଣା ଧନ୍ୟବାଦ ଦେଇଥିଲେ।

### କୁମାରଗୁଡ଼ା ବୁଢ଼ାରଜା ମହୋତ୍ସବ ସମ୍ପନ୍ନ

ଲାଞ୍ଜିଗଡ଼,୪।୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ କୁମାରଗୁଡାଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ବୁଡାରଜା ସଂସ୍କୃତି ଅନୁଷ୍ଠାନର ବୁଡାରଜା ମହୋତ୍ସବ ବୁଧବାର ସମାପନ ହୋଇଯାଇଛି। ମହୋତ୍ସବରେ ଲୋକଙ୍କ ମନରଞ୍ଜନ ପାଇଁ ରେକର୍ଡ ଡ୍ୟାନ୍ସ, ଲୋକ ନୃତ୍ୟ ଭଳି କାର୍ଯ୍ୟକ୍ରମ ହୋଇଥିବା ବେଳେ ଓଡ଼ିଶାର ସୁନାମଧନ୍ୟ ହାସ୍ୟ କଳାକାର ଶଙ୍କର ଓ ପ୍ରଜ୍ଞା କଟୁଆ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କୁ ମନରଞ୍ଜନ କରିଥିଲେ। ମହୋତ୍ସବରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସମ୍ମାନିତ ଅତିଥି ଭାବେ ସୁବାସ ନାଏକ, ପାହାଡ଼ପଦର ସମିତି ସଭ୍ୟ ଜଗଦିଶ ବେନିଆଁ, ହରିଶଙ୍କର ପାତ୍ର, ବ୍ଲକ କଂଗ୍ରେସ ସଭାପତି ହରିହର କୁମାର, ମନୋଜ ନାଗ, ଖଗେଶ୍ୱର ନାଏକ ଯୋଗଦେଇ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବୁଡ଼ା ରଜା ସଂସ୍କୃତି ଅନୁଷ୍ଠାନର ରମେଶ ନାଏକ ମଞ୍ଚ ପରିଚାଳନା କରିଥିବାବେଳେ ରାମଚନ୍ଦ୍ର ମାଝି, ଧନିଆଁ ନାଏକ ରାଜେଶ ନାଏକ, ଈଶ୍ୱର ନାଏକ, ବିସ୍ମ ମାଝି, ଶିବରାମ ନାଏକ, ହରିସ ସାହୁ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ମହାଯଜ୍ଞ ପ୍ରସ୍ତୁତିର ପରିଦର୍ଶନ କଲେ ମନ୍ତ୍ରୀ

ସିନାପାଲି,୪।୧(ଡି.ଏନ.ଏ.): ନୂଆପଡ଼ା ଜିଲା ସିନାପାଲିଠାରେ ହେବାକୁ ଥିବା ଐତିହାସିକ ୨୫୧ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଆୟୋଜନ ସ୍ଥଳ ବୁଧବାର ପରିଦର୍ଶନ କରିଛନ୍ତି ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ। ମହାଯଜ୍ଞର ରୂପରେଖ ବିଷୟରେ ଅବଗତ ହେବା ପରେ ଏଭଳି ଆୟୋଜନ ଜିଲା ପାଇଁ ଗୌରବର ବିଷୟ ବୋଲି ମନ୍ତ୍ରୀ କହିଥିଲେ। ଏଥିସହ ଆବଶ୍ୟକ ସହଯୋଗ ଦେବା ସହ ଯଜ୍ଞରେ ଉପସ୍ଥିତ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପରିଦର୍ଶନ ସମୟରେ ମନ୍ତ୍ରୀଙ୍କ ସହ ବିଜେଡି ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ପଶ୍ଚିମ ଓ ବିକାଶ ପରିଷଦର ଜିଲା ସଦସ୍ୟା ମନ୍ଦାକିନୀ ବଘେଲ, ଅମିତ ସିଂହଦେଓ, ପ୍ରଦୀପ ଜୈନଙ୍କ ସମେତ ମହାଯଜ୍ଞ କମିଟି ସମ୍ପାଦକ ତ୍ରିନାଥ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଆନନ୍ଦ ମେହେର, ଶିବପ୍ରସାଦ ମେହେର ଓ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠର ଭାଇଭଉଣୀମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ

ଭବାନୀପାଟଣା,୪।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ପୁରୁଷ ହକି ବିଶ୍ୱକପ ଉପଲକ୍ଷେ ଚାଲିଥିବା ଜିଲାସ୍ତରୀୟ ପୁରୁଷ ଓ ମହିଳା ଭଲିବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବାଳିକା ବିଭାଗରେ କେସିଙ୍ଗା ମହିଳା ଭଲିବଲ ଦଳ ଚାମ୍ପିୟନ ହୋଇଥିବା ବେଳେ ଭବାନୀପାଟଣା ମହିଳା ଭଲିବଲ ଦଳ ରନର୍ସଅପ ବିବେଚିତ ହେଲେ। ସେହିପରି ବାଳକ ବିଭାଗରେ କେସିଙ୍ଗା ଭଲିବଲ ଦଳ ଚାମ୍ପିୟନ ହୋଇଥିବାବେଳେ ମ. ରାମପୁର ରନର୍ସଅପ ହୋଇଛନ୍ତି। ଚାମ୍ପିୟନ ଓ ରନର୍ସଅପ ଦଳକୁ ଆସନ୍ତା କଳାହାଣ୍ଡି ଉତ୍ସବ ୨୦୨୩ ମଞ୍ଚରେ ୧୦ ହଜାର ଓ ୭ହଜାର ଅର୍ଥ ରାଶିରେ ପୁରସ୍କାର ପ୍ରଦାନ କରାଯିବ। ଉଦ୍‌ଯାପନୀ ସମାରୋହରେ



ବାଳିକା ଭଲିବଲ ଚାମ୍ପିୟନ ଦଳ ସହ ଜିଲାପାଳ, ଏସ୍‌ପି।

ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଏସ୍‌ପି ଅଭିଲାଷ ଜି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ଅଧିକାରୀ ରମେଶ ପାଢ଼ୀ, ଡିଆଇପିଆର୍‌ଓ ମନୋଜ ବେହେରା, ଭଲିବଲ କୋଚ ଜ୍ଞାନେନ୍ଦ୍ର ବଡେଇ, ପିଇଆଇ ମହେନ୍ଦ୍ର ପଣ୍ଡା, ବିଭିନ୍ନ ବିଦ୍ୟାଳୟ କ୍ରୀଡା ପ୍ରଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡା ପ୍ରତିଯୋଗିତାରେ ଜିଲାର ୧୩ଟି ବ୍ଲକର ବାଳକ ଭଲିବଲ ଦଳ ଓ ବାଳିକା ଭଲିବଲ ଦଳ ଅଂଶ ଗ୍ରହଣ କରିଥିଲେ।

## ବାଇକ୍‌ରୁ ପଡ଼ି ୩ ଗୁରୁତର

ଲାଞ୍ଜିଗଡ଼,୪।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ନିକଟସ୍ଥ ଧଅରାଭଟା ଏକଲବ୍ୟ ବିଦ୍ୟାଳୟ ନିକଟରେ ବୁଧବାର ବାଇକ୍‌ରୁ ପଡ଼ି ସ୍ୱାମୀ, ସ୍ତ୍ରୀଙ୍କ ସମେତ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ରାସ୍ତା କଡରେ ପଡ଼ି ଥିବାବେଳେ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ବିଶ୍ୱନାଥପୁର ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର୩ଜଣଙ୍କୁ ଉଦ୍ଧାର କରି ପ୍ରଥମେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ ଅପରାହ୍ନ ୩ଟାରେ ଚମ୍ପାଦେଇପୁର ପଞ୍ଚାୟତ ହରିହରପୁର ଗ୍ରାମର ଲୋକନାଥ ଗଉଡ଼ ଏକ ବାଇକ୍‌ରେ ନିକଟସ୍ଥ ଗାଁ ଶାପୁଲକୁଚାର ଜୁଡୁ ମାଝି ଓ ତାଙ୍କ ସ୍ତ୍ରୀ ତୁଳ ମାଝିଙ୍କୁ ନେଇ ଆସୁଥିବା ବେଳେ ଧଅରାଭଟା ଏକଲବ୍ୟ ବିଦ୍ୟାଳୟ ନିକଟରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ମେଟାଲ ଗଦାରେ ପିଟି ହୋଇ ୩ଜଣ ପ୍ରାୟ ୧୫ ମିଟର ଦୂରକୁ ଚିଟିକି ପଡ଼ିଥିଲେ। ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ବିଶ୍ୱନାଥପୁର ପୋଲିସ ଏସ୍‌ଆଇ ବୁଧରାମ ମାଝିଙ୍କ ସମେତ ତାଙ୍କର ଟିମ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ୩ଜଣଙ୍କୁ ପ୍ରଥମେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଯୁବକ ଲୋକନାଥଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିବା ପରେ ଶାପୁଲକୁଚା ଗାଁର ଜୁଡୁ ଓ ସ୍ତ୍ରୀ ତୁଳଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ବିଜୟ



@ ସଞ୍ଜୟ



@ ସିଦ୍ଧାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଗୋଲାମୁଣ୍ଡା,୪।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ୮ ଦିନ ତାଲିମ ପ୍ରଦାନ କରାଯିବ ବୋଲି ଅଧକ୍ଷଙ୍କଠାରୁ ଜଣାପଡ଼ିଛି। ଅଧକ୍ଷ ଜୟନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଲାମୁଣ୍ଡା ଥାନାଧିକାରୀ ସୁଶ୍ରୀ ଶାନ୍ତି ତିର୍କୀ ଓ ସମ୍ମାନିତ ଅତିଥି ଭାବେ ଅଧାପକ ପ୍ରଦୀପ କୁମାର ମିଶ୍ର ଓ ଗୋଲାମୁଣ୍ଡା ପଞ୍ଚାୟତ ସମିତି ସଦସ୍ୟା ବନିତା ନାଏକ ଯୋଗଦେଇ ପ୍ରଶିକ୍ଷାର୍ଥୀ ଛାତ୍ରୀମାନଙ୍କୁ ଶୃଙ୍ଖଳିତ ଭାବେ ତାଲିମ ଗ୍ରହଣ କରିଥିବାକୁ ପରାମର୍ଶ ଦେଇଥିଲେ। ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧାପକ କବି ପ୍ରସାଦ ପଟ୍ଟନାୟକ ପ୍ରଶିକ୍ଷଣର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଜିଲା ସଂଯୋଜକ ଅଧାପକ ଶାନ୍ତନୁ କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ବାରିକ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିଜ ଅଧିକାର ସୁରକ୍ଷା ପାଇଁ କ୍ରାନ୍ତିଯାତ୍ରା

ରୁପ୍ରା ରୋଡ଼,୪।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ସଦର ମହକୁମାଠାରେ କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ ବୁଧବାର ନିଜ ଅଧିକାର ସୁରକ୍ଷା ପାଇଁ କ୍ରାନ୍ତିଯାତ୍ରା ମାଧ୍ୟମରେ କ୍ରାନ୍ତିକାରୀ ଚେତନା ଜାଗ୍ରତ ନିମନ୍ତେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ବିକାଶ ପରିଷଦ ଅଧକ୍ଷା ଡ଼. ସୁନୀତି ମୁଣ୍ଡଙ୍କ ନେତୃତ୍ୱରେ ଭାଜପା ସଭାନେତ୍ରୀ ପ୍ରଣତି ମହାନନ୍ଦ, ପର୍ଶୁରାମ ପଣ୍ଡା, ଆରଏସଏସ କର୍ମକର୍ତ୍ତା, ଅଙ୍ଗନୱାଡ଼ି କର୍ମୀ ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ସାମିଲ ହୋଇଥିଲେ। ସରସ୍ୱତୀ ଶିଶୁ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହୋଇଥିଲା। କ୍ରାନ୍ତିଯାତ୍ରା ଜରିଆରେ ଜିଲାର ସମସ୍ତ ବ୍ଲକରେ ଜନ ସାଧାରଣଙ୍କୁ ସେମାନଙ୍କ ସାମ୍ବିଧନିକ ଅଧିକାର ଓ କର୍ତ୍ତବ୍ୟ ପ୍ରତି ସଚେତନ କରାଯିବ ବୋଲି କଳାହାଣ୍ଡି ବିକାଶ ପରିଷଦ ଅଧକ୍ଷା ମୁଣ୍ଡ ସୂଚନା ଦେଇଛନ୍ତି।

# ସମ୍ବଲପୁରକୁ ହରାଇ ମାଲକାନଗିରି ଚାମ୍ପିୟନ

ସିନାପାଲି,୪।୧(ଡି.ଏନ.ଏ.)

### ସିଙ୍ଗଝର ବୁଢ଼ାରଜା କ୍ରିକେଟ ଟୁର୍ନାମେଣ୍ଟ ସିଜନ-୫

ନୂଆପଡ ଜିଲା ସିନାପାଲି ବ୍ଲକ ସିଙ୍ଗଝରରେ ଚାଲିଥିବା ବୁଢ଼ାରଜା କ୍ରିକେଟ କପ ସିଜନ-୫ର ବୁଧବାର ଫାଇନାଲ ମ୍ୟାଚରେ ମାଲକାନାଗରି ଏକାଦଶ ସମ୍ବଲପୁର ଏକାଦଶକୁ ହରାଇ ଚାମ୍ପିୟନ ହୋଇଛି। ମାଲକାନାଗରି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ ସମ୍ବଲପୁର ୧୧ ଓଭରରେ ସମସ୍ତ ଉଇକେଟ ହରାଇ ୬୨ ରନ କରି ପରାଜୟ ବରଣ କରିଥିଲା। ମାଲକାନାଗରିର ମାମ ରଞ୍ଜନ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଚାମ୍ପିୟନ ଦଳକୁ ୫୫ ହଜାର ୫ ଶହ ୫୫ ଟଙ୍କା ସହିତ ଟ୍ରଫି ଏବଂ ରନର୍ସଅପ ଦଳକୁ ୩୩ ହଜାର ୩୩୩ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ନୂଆପଡ଼ା ନେହେରୁ ଯୁବ କେନ୍ଦ୍ର କୋର୍ଡ଼ିନେଟର ଆଶିଷ ଠାକୁର, ବ୍ଲକ ଉପାଧ୍ୟକ୍ଷା ମିନା ଘିଭେଲା, ସିନାପାଲି ସଦର ପଞ୍ଚାୟତ ସମିତି ସଭ୍ୟ ମନିଶ ପଟେଲ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଲିଙ୍ଗରାଜ ଘିଭେଲା, ବରିଷ୍ଠ ଶିକ୍ଷାବିତ ଚନ୍ଦ୍ରଭାନୁ କଶ୍ୟପ, କଳିଙ୍ଗ ବୈଠରୁ, ସିଙ୍ଗଝର ସରପଞ୍ଚ କହ୍ନେଲ ସିଂ ବାଗ, ସମିତି ସଭ୍ୟ ପ୍ରମିଳା ପ୍ରଧାନ, କୁସୁମଯୋର ସରପଞ୍ଚ ଉଦିତ ପ୍ରତାପ ଜ୍ୟୋତି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରକାଶ ପାତ୍ର, ବିଜୟ ସେଠୀ, ଭୀମରାଜ ତାଣ୍ଡି, ବିକାଶ କଶ୍ୟପ, ନରେନ୍ଦ୍ର ନାଏକ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କମିଟି ସଭାପତି ଗୌରୀ ଶଙ୍କର ମାଝି, ସମ୍ପାଦକ ପ୍ରେମଚାନ୍ଦ ବୈଠାରୁ, ଦେବେନ୍ଦ୍ର ନାଏକ, ସୁରେଶ ମାଝି, ପ୍ରେମ ସିଂ ମାଝି, ଲକ୍ଷପତି ନାଗ, ବିଶି, ନରେନ୍ଦ୍ର ବୈଠାରୁ, ଡୋଳା ମାଝି, ଜଗନ୍ନାଥ ନାଏକ, କୁମେଶ୍ୱର ମାଝି, ଦୀପକ ମାଝି, ବିରେନ୍ଦ୍ର ମାଝି, ବଦନ ସିଂ ମାଝି ପ୍ରମୁଖ ଉପସ୍ଥିତ ରହିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

# ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା



ରେଗଡା ହାଇସ୍କୁଲ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବେଷିତ ଘୁମୁରା ନୃତ୍ୟ।




ମଦନପୁରରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାରେ ମଞ୍ଚାସୀନ ଅତିଥି।

କର୍ଲାମୁଣ୍ଡା/ ମଦନପୁର, ୪।୧(ଡି.ଏନ.ଏ.)

### ଘୁମୁରା ନାଚରେ ଦୁଲୁକିଲା ମଞ୍ଚ

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ହାଇସ୍କୁଲ ପଡିଆଠାରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ରେଗଡା ସରପଞ୍ଚ ଦୀପ୍ତିରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଉପଜିଲାପାଳ ଡା. ବିଶ୍ୱଜିତ ଦାଶ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ୍ୟା କୁନି ସାହୁ, ତହସିଲଦାର ମିଳନ କୁମାର ଝାଙ୍କର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସହଦେବ ସୁନା, ଖ'ଜୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସମିତି ସଭ୍ୟ ଗେଲ କମ୍ପ, ମ. ରାମପୁର ବିଡିଓ ବିନୟ କୁମାର ଭୋଇ, ଡା. ବିଜୟ କମ୍ପ, ମୁଖ୍ୟବକ୍ତା ଭାବେ ପଦ୍ମ ଲୋଚନ ମିଶ୍ର ଯୋଗ ଦେଇ କଳାହାଣ୍ଡିର କଳା ସଂସ୍କୃତି ଓ ପରମ୍ପରାକୁ ଲୋକ ଲୋଚନକୁ ଆଣିବାର ଏଭଳି ପ୍ରୟାସରେ ଜନସାଧାରଣଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପରିବେଶ ଓ ସ୍ୱଚ୍ଛତା ନେଇ ବୃକ୍ଷ ରୋପଣ କରିବାକୁ ରେଗେଡା ସରପଞ୍ଚ ସମସ୍ତଙ୍କୁ ଅନୁରୋଧ କରିବା ସହ ବୃକ୍ଷ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବତନ ବ୍ଲକ ଅଧକ୍ଷ ଅରବିନ୍ଦ ଚୌଧୁରୀ, ପୂର୍ବତନ ସରପଞ୍ଚ ପବିତ୍ର ସାହୁ, ନିଳାମ୍ବର ବେହେରା, ସୁଶାନ୍ତ ପରିଡା, ସୁରେସ ଚୌଧୁରୀ, ହିରାମଣୀ ସାହୁ, ନିଶାମଣୀ ସାହୁ, ଅବସର ପ୍ରାପ୍ତ ଶିକ୍ଷକ ଗୌରାଙ୍ଗ କମ୍ପ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପକ ପ୍ରଶାନ୍ତ ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ପିଇଓ ବିଜୟ ମିଶ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ରୋଜଗାର ସେବକ ଛାୟାକାନ୍ତ ସାହୁ, ଶିକ୍ଷକ ଈଶ୍ୱର ମହାକୁରଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ୱାର୍ଡମେମ୍ବର, ଗ୍ରାମବାସୀ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହିଥିଲା।

ସେହିପରି ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଗ୍ରାମ ପଞ୍ଚାୟତସ୍ଥିତ ପ୍ରାଥମିକ ବିଦ୍ୟାଳୟଠାରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଳିତ ହୋଇଯାଇଛି। ସରପଞ୍ଚ କେତକୀ ଦଣ୍ଡିଆଙ୍କ ନେତୃତ୍ୱରେ ବୁଧବାର ସକାଳୁ ମଦନପୁର ପାଟଖଣ୍ଡା ମନ୍ଦିରଠାରୁ ମଶାଲ ଯାତ୍ରା ଆରମ୍ଭ ହୋଇ ପଡିଆରେ ପହଞ୍ଚି ଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ସମ୍ମାନିତ ଅତଥି ଭାବେ ବମକ ସରପଞ୍ଚ ରାଷ୍ଟ୍ର ସାହୁ, ମୁଖ୍ୟବକ୍ତା ଭାବେ କବି ହେମନ୍ତ ସାହୁ ଉପସ୍ଥିତ ଥିଲେ। ପଞ୍ଚାୟତ ଘୁମୁରା ନୃତ୍ୟ, ଢାବ ନୃତ୍ୟ ପରିବେଷଣ ହୋଇଥିଲା। ମହିଳାମାନଙ୍କ ମଧ୍ୟରେ ଝୁଟି, ହୁଳହୁଳି, ଶଙ୍ଖନାଦ ଓ ପୁରୁଷମାନଙ୍କ ମଧ୍ୟରେ ଅନ୍ୟାନ୍ୟ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା, ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଉତ୍ସବରେ କୃଷି ବିଭାଗ, ଉଦ୍ୟାନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ ଷ୍ଟଲଗୁଡିକ ବେଶ ଆକର୍ଷଣୀୟ ହୋଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମଦନପୁର ସମିତି ସଭ୍ୟା ପଦ୍ମିନୀ ଭୋଇ, ମଦନପୁର ସମବାୟ ସମିତି ସଭାପତି ହରି ମହାନନ୍ଦ, ପୂର୍ବତନ ସରପଞ୍ଚ ଜୟରାମ ମହାନନ୍ଦ, ନାଏବ ସରପଞ୍ଚ ବିରାଟ ମୁଣ୍ଡଛିନା। ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟା ସଭ୍ୟ, ଜିଆରଏସ୍, ମିଶନ ଶକ୍ତିର ଏମବିକେ ଓ ସମସ୍ତ ସିଆର୍‌ପି, ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟାମାନେ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶନିଶ୍ଚର ସ୍ୱରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉତ୍ସବ ସମାପନ ହୋଇଥିଲା।

## ସଂକ୍ଷେପରେ

### ଦେଶୀ ବନ୍ଧୁକ ସହ ୨ ଶିକାରୀ ଗିରଫ

ବୌଦ୍ଧ,୪।୧(ସ୍ୱ.ପ୍ର.): ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ହରଭଙ୍ଗା ବ୍ଲକ ପୁରୁଣାକଟକ ରେଞ୍ଜର ଚାରିଛକ ସେକ୍ସନର ଯାଜପୁର ଜଙ୍ଗଲରୁ ବୁଧବାର ଅପରାହ୍ନରେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ଦେଶୀ ବନ୍ଧୁକ ସହ ୨ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ପୁରୁଣାକଟକ ଥାନା ବାଣୀଭୂଷଣପୁର ପଞ୍ଚାୟତ ଝାଡରାଜିଙ୍ଗ ଗ୍ରାମର ପ୍ରତାପ ଯାନୀ(୩୦) ଓ ବାଣୀଭୂଷଣପୁର ଗ୍ରାମର ଅଜୟ ଦେହୁରୀ(୨୯) । ମିଳିଥିବା ସୂଚନା ଅନୁଯାୟୀ, ପୁରୁଣାକଟକ ରେଞ୍ଜରେ ବନବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଯାଜପୁର ଜଙ୍ଗଲରେ ଦୁଇଜଣ ଶିକାରୀ ଜଙ୍ଗଲକୁ ଜନ୍ତୁ ଶିକାର କରିବାକୁ ଯାଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢାଉ କରିଥିଲେ । ଚଢାଉ ବେଳେ ପ୍ରତାପ ଓ ଅଜୟଙ୍କ ଠାରୁ ଦେଶୀ ବନ୍ଧୁକ ଜବତ ସହ ସେମାନଙ୍କୁ ଗିରଫ କରାଯାଇଥିଲା । ଚଢାଉରେ ବନ ବିଭାଗର ଫରେଷ୍ଟର ବିଜୟ ସାହୁ, ଫରେଷ୍ଟ ଗାର୍ଡ ସତୀଶ କମ୍ପ, ଫରେଷ୍ଟ ଗାର୍ଡ ମହେଶ ମାଝି ସାମିଲ ଥିବା ପୁରୁଣାକଟକ ରେଞ୍ଜର ନିହାର ରଞ୍ଜନ ମଲିକ ସୂଚନା ଦେଇଛନ୍ତି ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ସୋନପୁର,୪।୧(ନି.ପ୍ର.): ସୋନପୁର ସହର ରାୟଗୁରୁପଡାର ପଣ୍ଡିତ ପୀତବାସ ମିଶ୍ରଙ୍କ ସହଧର୍ମଣୀ ଆହ୍ଲାଦିନୀ (୮୮)ଙ୍କ ହୃଦ୍‌ଘାତ ଯୋଗୁ ମଙ୍ଗଳବାର ରାତିରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସେ ଜଣେ ଧର୍ମ ପରାୟଣ ମହିଳା ଥିଲେ । ତାଙ୍କ ବିୟୋଗ ଖବରପାଇ ବାସଭବନରେ ବନ୍ଧୁ ପରିଜନ, ପଡା ଓ ସହରର ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବିଳମ୍ବିତ ରାତିରେ ରାମେଶ୍ୱର ସଙ୍ଗମଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ବଡପୁଅ ଚନ୍ଦ୍ର ଶେଖର ମିଶ୍ର ମୁଖାଗ୍ନି ଦେଇଥିଲେ। ଆହ୍ଲାଦିନୀ ଜିଲା ସଚେତନ ନାଗରିକ ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ରଙ୍କ ମାତା ଅଟନ୍ତି।

# ଗିରଫ ଅଭିଯୁକ୍ତ କୋର୍ଟ ଚାଲାଣ

ବୌଦ୍ଧ,୪।୧(ସ୍ୱ.ପ୍ର.)

ମଙ୍ଗଳବାର କ୍ରାଇମ୍‌ବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୌଦ୍ଧ ଜିଲାର ସାଲୁଙ୍କୀ ନଦୀ ପୋଲ ନିକଟରେ ଚଢାଉ କରି ଗୋଟିଏ ମହାବାଳ ବାଘ ଓ ଗୋଟିଏ କଳରପତରିଆ ବାଘ ଛାଲ ଜବତ କରିଥିଲା । ଏହି ଘଟଣାରେ ବୌଦ୍ଧ ଥାନା ଅନ୍ତର୍ଗତ ଓଲଣ୍ଡା ଗ୍ରାମର ଶିକାରୀ ହିମାଳୟ ଦାସଙ୍କୁ ଗିରଫ କରାଯାଇଥିଲା । ଏନେଇ ଏସ୍‌ଟିଏଫ୍ ପକ୍ଷରୁ ନଂ୧/୨୩ରେ ଏକ ମାମଲା ରୁଜୁ କରାଯାଇ ଶିକାରୀ ଦାସଙ୍କୁ ବୌଦ୍ଧ ଥାନାକୁ ହସ୍ତାନ୍ତର କରାଯିବା ପରେ ଥାନା ପକ୍ଷରୁ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି। ଜବତ ବାଘ ଛାଲକୁ ପରୀକ୍ଷା ପାଇଁ ଡେରାଡୁନ ପରୀକ୍ଷାଗାରକୁ ପଠାଯାଇଛି। ବୌଦ୍ଧ ଜିଲାରେ ବର୍ତ୍ତମାନ ବନ୍ୟଜନ୍ତୁ ଅସୁରକ୍ଷିତ


ଗିରଫ ଅଭିଯୁକ୍ତ ।


ଜବତ ବାଘ ଛାଲ ।

**ବାଘ ଛାଲ ଜବତ ଘଟଣା**

ଥିବା ଜଣାପଡିଛି । ଜିଲାରେ ପଶୁ ଶିକାର ଅବାଧରେ ଚାଲିଥିବା ବେଳେ ବନବିଭାଗ କୌଣସି ଟେର୍ ପାଇପାରୁନି । ଜିଲାରେ ହାତୀ ମୃତ୍ୟୁ, ବ୍ରଜକାପ୍ତା ଓ ବହୁବାର ବାଘ ଛାଲ ଜବତ ଘଟଣା ଘଟିଥିବା ବେଳେ ଗତ ମଙ୍ଗଳବାର ଦିନ ଦୁଇଟି ବାଘ ଛାଲ ଏସ୍‌ଟିଏଫ ପକ୍ଷରୁ ଜବତ କରାଯାଇଥିବା ବେଳେ ବନଖଣ୍ଡ ଅଧିକାରୀଙ୍କ ପାଖରେ ଏ ନେଇ ଖବର ନ ଥିଲା । ଏସ୍‌ଟିଏଫ୍ ବେପାରୀ ସାଜି ବାଘ ଛାଲ ଜବତ କରିବାରେ ସକ୍ଷମ ହୋଇଥିଲା । ପୂର୍ବରୁ ମଧ୍ୟ ଏସ୍‌ଟିଏଫ୍ ପକ୍ଷରୁ ଦୁଇ ଦୁଇ ଥର ବାଘ ଛାଲ ଜବତ କରାଯାଇଛି ।

# ଫାଇନାଲରେ ସୋନପୁର ରାମଧୁନ କ୍ଲବ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ସୋନପୁର,୪।୧(ନି.ପ୍ର.)

ସୋନପୁର ରୟାଲ ପଡିଆରେ ଚାଲିଥିବା ୧୦ମ ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ୍‌ରେ ସ୍ଥାନୀୟ ରାମଧୁନ କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ବୁଧବାର ସୋନପୁରର ରାମଧୁନ କ୍ଲବ ଓ ୟୁନାଇଟେଡ ବରଗଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ରାମଧୁନ କ୍ଲବ ୨-୧ ଗୋଲରେ ବିଜୟୀ ହୋଇଛି। ରେଫେରି ଯୋଗେନ୍ଦ୍ର ବେହେରା, ଜଗତ

**ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ**

ଜଗଦଲା, ନନ୍ଦୁ ନାଏକ, ସହଯୋଗୀ ପ୍ରଶାନ୍ତ କୁମାର ସେଠୀ ଓ ତ୍ରିଲୋଚନ ସେନାପତି ମ୍ୟାଚ୍ ପରିଚାଳନା କରିଥିଲେ। କ୍ରୀଡାବିତ୍ ହେମକାନ୍ତ ସୁନା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ରମନ ପ୍ରଧାନ, ସତ୍ୟନାରାୟଣ ମହାଳିକ, ସୁଖଦେବ ରଣା, ପ୍ରିୟବ୍ରତ ସାହୁ, ବାବୁଲା ବେବର୍ତ୍ତା ଓ କୃଷ୍ଣଚନ୍ଦ୍ର ବାଘ ଯୋଗ ଦେଇଥିଲେ। ରାମଧୁନ କ୍ଲବର ପପୁ ବେହେରାଙ୍କୁ ବେଷ୍ଟ ଡିଫେନ୍ସ, ବରଗଡର ଅମର ଲାକ୍ରାଙ୍କୁ ବେଷ୍ଟ ମିଡ୍ ଫିଲ୍ଡ, ରାମଧୂନ କ୍ଲବର ସୁନିଲ ବାଘାଙ୍କୁ ବେଷ୍ଟ ଗୋଲ କିପର, ସଚିନ ମଲ୍ଲିକଙ୍କୁ ବେଷ୍ଟ ୱିଙ୍ଗର ଓ ଦେବରାଜ ସାଙ୍କୁ ହିରୋ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ସୋନପୁର ରୟାଲ ସ୍ପୋର୍ଟିଂ କ୍ଲବର ସମ୍ପାଦକ ରାକେଶ ନାଗ ପୁରସ୍କାର ବିତରଣୀ ଉତ୍ସବ ପରିଚାଳନା କରିଥିଲେ। ହରିହର ପଟ୍ଟନାୟକ ଓ ଶିବୁ ନନ୍ଦ ସହଯୋଗ କରିଥିଲେ।

### ଲାଣ୍ଡିବନ୍ଧ ବଡଜଙ୍ଘା ପୌଷ ଯାତ୍ରା ପାଳିତ

ବୌଦ୍ଧ,୪।୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ରାଧାନଗର ଗ୍ରାମ ପଞ୍ଚାୟତର ଲାଣ୍ଡିବନ୍ଧ ଗ୍ରାମରେ ବୁଧବାର ଗଣ୍ଡ ସମ୍ପ୍ରଦାୟ ପକ୍ଷରୁ ଶ୍ରୀବଡଜଘା ଦେଓ ଠାକୁରଙ୍କ ପୌଷ ଯାତ୍ରା ପାଳିତ ହୋଇଛି। ମଙ୍ଗଳବାର ଯାତ୍ରା ପାଇଁ ଦେବବରଣ କାର୍ଯ୍ୟକ୍ରମ ହୋଇଥିବା ବେଳେ ବୁଧବାର ମଧ୍ୟାହ୍ନରେ ଠାକୁରଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଠାକୁରଙ୍କ ଛତ୍ରୀଛତ୍ର ଗ୍ରାମର ଗୌନ୍ତିଆଙ୍କ ଘରକୁ ଯାଇଥିଲା। ସେଠାରେ ଠାକୁରଙ୍କ ପୂଜାର୍ଚ୍ଚନା ପରେ ଗ୍ରାମର ସମସ୍ତ ଘର ସମ୍ମୁଖରେ ସ୍ୱତନ୍ତ୍ର ପୂଜା କରାଯାଇଥିଲା । ଗ୍ରାମ ପରିକ୍ରମା ପରେ ଠାକୁରଙ୍କ ପୀଠକୁ ନିଆଯାଇ ସନ୍ଧ୍ୟାରେ ଦେହୁରୀ ସୁଦର୍ଶନ ନାଏକ ସଂପ୍ରଦାୟର ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା। ଏହି ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ବିଜୟ


@ ସଞ୍ଜୟ


@ ସିଦ୍ଧାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଡ଼ଯୋର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ତାଲା ଖୋଲିଲା

ତରଭା,୪।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କମସରା ପଞ୍ଚାୟତ ବଡଯୋର ଗ୍ରାମର ୟୁପି ସ୍କୁଲରୁ ତାଲା ଖୋଲାଯାଇ ପାଠପଢା ସ୍ୱାଭାବିକ ହୋଇଛି। ଶିକ୍ଷକ ନିଯୁକ୍ତି ଦାବିରେ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରୀଛାତ୍ର ବିଦ୍ୟାଳୟ ଫାଟକରେ ତାଲା ପକାଇ ମଙ୍ଗଳବାର ଓ ବୁଧବାର ଧାରଣା ଦେଇଥିଲେ। ତରଭା ବିଇଓ ଶାନ୍ତନୁ କୁମ୍ଭକାର ସିଂଢୋଲ ୟୁପି ସ୍କୁଲରୁ ଜଣେ ଶିକ୍ଷକଙ୍କୁ ଡେପୁଟେସନରେ ଆଣି ଉକ୍ତ ବିଦ୍ୟାଳୟରେ ରଖିବା ଓ ୪-୫ ଦିନ ମଧ୍ୟରେ ଆଉ ଜଣେ ଶିକ୍ଷକ ନିଯୁକ୍ତି ପାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ସରକାର


ବିଦ୍ୟାଳୟ ଗେଟରେ ଗ୍ରାମବାସୀ, ଅଭିଭାବକ ତାଲା ପକାଇ ଦେଇଛନ୍ତି ।

ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବା ବେଳେ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ପାଇଁ ପ୍ରତିଦିନ କେଉଁଠି ନା କେଉଁଠି ବିଦ୍ୟାଳୟରେ ତାଲା ପକାଇବା ଘଟଣା ଦେଖିବାକୁ ମିଳୁଛି। ତରଭା ବ୍ଲକରେ ମଧ୍ୟ ଏଭଳି ତାଲା ପକାଇବା ଘଟଣା ନିୟମିତ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି। ତରଭା ବ୍ଲକ ବଡଯୋର ଗ୍ରାମରେ ଥିବା ୟୁପି ସ୍କୁଲରେ ୮୩ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ମାତ୍ର ଦୁଇଜଣ ଶିକ୍ଷକ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏନେଇ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହେବା ପରେ ବିଦ୍ୟାଳୟ ଗେଟରେ ତାଲା ପକାଇ ଧାରଣା ଦେଇଥିଲେ।

# ବିନିକା ସିଦ୍ଧାର୍ଥ ଜୁନିୟର କଲେଜ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବିନିକା,୪।୧( ଡି.ଏନ. ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିୟର କଲେଜର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କ୍ରୀଡା ପ୍ରତିଯୋଗିତା ରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଅଧ୍ୟକ୍ଷା ରେଖା ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ତପସ୍ୱିନୀ ମେହେର, ସାମାଜିକ କର୍ମୀ ମନୋରଞ୍ଜନ ମିଶ୍ର, ସଂଗଠକ ସୋମନାଥ ମିଶ୍ର ଯୋଗଦେଇ କ୍ରୀଡାର ଉପକାରିତା ବିଷୟରେ କହିଥିଲେ। ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ନିରଞ୍ଜନ ପାଣ୍ଡିଆ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଧନେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ଶିକ୍ଷକ ନାରାୟଣ ଚୌଧୁରୀ, ଅଧ୍ୟାପକ ସନୋଜ ଦାସ, ପ୍ରୀତିରଞ୍ଜନ ସାହୁ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ବାଉଁଶୁଣୀ,୪।୧(ଡି.ଏନ.ଏ.)

ବୌଦ୍ଧ ବ୍ଲକ ବାଉଁଶୁଣୀ ହାଇସ୍କୁଲ ଖେଳପଡିଆରେ ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ପୂର୍ବାହ୍ନରେ ତିନିଦିନିଆ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କନ୍ଧମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ମହିଧର ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲା ପରିଷଦ ସଭ୍ୟ ଇଂ ରାକେଶ ତ୍ରିପାଠୀ, ବ୍ଲକ ସରପଞ୍ଚ ସଂଘର ଉପ ସଭାପତି ତଥା କସୁରବନ୍ଧ ସରପଞ୍ଚ ସୋରଜ କର୍ଣ୍ଣ, ଗୁନ୍ଦୁଲିଆ ସରପଞ୍ଚ ଧବଳେଶ୍ୱର ସିଂହ, ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଳିକ, ଅଁଳାପଲି ସରପଞ୍ଚ ଅଜିତ ମେହେର, ଖଳିଆପାଲି ସରପଞ୍ଚଙ୍କ ପ୍ରତିନିଧି ତଥା ପୂର୍ବତନ ସରପଞ୍ଚ ବାଳମୁକୁନ୍ଦ ମେହେର ଯୋଗ ଦେଇଥିଲେ। ବୌଦ୍ଧ ବିଡିଓ ଅବିନାଶ ପାଣ୍ଡିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଭଲିବଲ, ଫୁଟବଲ ଓ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏଥିରେ ୧୨ ଗୋଟି ପଞ୍ଚାୟତର ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ଅଁଳାପାଲି, ବହିରା, ମନୁପାଲି, ଖଳିଆପାଲି ଚାରୋଟି ପଞ୍ଚାୟତ ମଧ୍ୟରେ କବାଡି, ଭଲିବଲ ଏବଂ ଫୁଟବଲ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ଇଂନିସ୍‌ରେ ବହିରା ପଞ୍ଚାୟତ ଦଳ ଚାମ୍ପିୟନ ହୋଇଥିଲେ । ସେହିଭଳି ଦ୍ୱିତୀୟ ଇଂନିସରେ ମନୁପାଲି ଦଳ ଫୁଟବଲରେ ବିଜୟୀ ହୋଇଥିଲେ। ଖେଳ ପରିଚାଳନା କରିବା ପାଇଁ ୮ଟି ହାଇସ୍କୁଲର ଖେଳ ଶିକ୍ଷକମାନେ ଯୋଗ ଦେଇଥିଲେ। ଡ଼ିଗି ର ଖେଳ ଶିକ୍ଷକ ପ୍ରହଲ୍ଲାଦ ଭୂକ୍ତା, ଶଗଡାର ରାମରତନ ପରଡିଆ, ବାଉଁଶୁଣୀର ସୁଦାମ ସେଠୀ, ମନୁପାଲିର ଅଶୋକ ସାମଲ, ଗୋଛପଡ଼ାର ମନୋଜ ଗାଇଗୋରିଆ, ଗୁନ୍ଦୁଲିଆର ଦେବଦର୍ଶୀ ପୃଷ୍ଟି, ଦହ୍ୟାର ରମେଶ ରଞ୍ଜନ ସେଠୀ, ମୁଣ୍ଡିପଦରର ତାପସ ଭୁକ୍ତା ଯୋଗ ଦେଇଥିଲେ।


ଅତିଥିଙ୍କ ସହ ଖେଳାଳି।

# ଅନୁଗୋଳକୁ ହରାଇ ଜେସିସି ସମ୍ବଲପୁର ଫାଇନାଲରେ

ଅମରପାଲି,୪।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ପଞ୍ଚାୟତର ବିକଳପୁର ଗ୍ରାମରେ ହେଉଥିବା ୧୬ତମ ମା'ମାହେଶ୍ୱରୀ କ୍ରିକେଟ କପର ବୁଧବାର ଥିଲା ତୃତୀୟ ଦିବସ। ମ୍ୟାଚ ଜେସିସି ସମ୍ବଲପୁର ଓ ମର୍ଣ୍ଣିଷ୍ଟାର ଅନୁଗୋଳ ମଧ୍ୟରେ ହୋଇଥିଲା। ମ୍ୟାଚ ତିନୋଟି ଫର୍ମାଟରେ ଖେଳା ଯାଇଥିଲା। ପ୍ରଥମ ଫର୍ମାଟରେ ମର୍ନିଷ୍ଟାର ଅନୁଗୋଳ ପ୍ରଥମେ ବ୍ୟାଟିଂ କରି ୧୩.୫ ଓଭରରେ ସମସ୍ତ ଉଇକେଟ ହରାଇ ୯୨ରନ କରିଥିଲା। ଦଳର ରାକେଶ ବେହେରା ୧୬ବଲରୁ ୪୩ରନ ଓ ଚନ୍ଦନ ସାହୁ ୨୨ରନ କରିଥିଲେ। ବିପକ୍ଷ ସମ୍ବଲପୁରର ସିଦ୍ଧେଶ୍ୱର ବେହେରା ୩ ଓଭରରେ ୪ ରନ ଦେଇ ୪ଟି ଉଇକେଟ ନେଇଥିବା ବେଳେ ରାହୁଲ ବିଶ୍ୱକର୍ମା ୩ ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ଦଳ ଆବଶ୍ୟକ ୯୩ରନକୁ ୧୦.୧ ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦଳର ଅମନ ବେହେରା ୨୮ ଓ ମୟକେଶ ଦଲେଇ ୨୪ ରନ କରିଥିଲେ। ଅନୁଗୋଳର ଲିଟନ ଦାଶ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ


ମ୍ୟାଚ ପ୍ରାରମ୍ଭରେ ଟସ ପାଇଁ ଉଭୟ ଦଳର ଅଧିନାୟକ, ଅମ୍ପାୟାର ।

**୧୬ତମ ମା'ମାହେଶ୍ୱରୀ କ୍ରିକେଟ କପ**

୬୨ରନ କରିଥିଲା। ଦଳର ସୁଧିର ତରିଆ ୨୮ରନ କରିଥିବା ବେଳେ ବିପକ୍ଷ ଦୀପକ ମହାରଣା ୩ଟି ଉଇକେଟ ନେଇଥିଲେ। ଜବାବରେ ଅନୁଗୋଳ ଦଳ ରାକେଶ ବେହେରାଙ୍କ ୩୪ରନ ସହାୟତାରେ ୪.୫ଓଭରରେ ୪ ଉଇକେଟ ହରାଇ ୬୫ରନ କରିଥିଲା। ସମ୍ବଲପୁରର ପ୍ରଦୀପ ପ୍ରଧାନ ଓ ରାହୁଲ ବିଶ୍ୱକର୍ମା ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବାରୁ ସୁପର ଓଭର ଖେଳାଯାଇଥିଲା।ଏଥିରେ ସମ୍ବଲପୁର ୧୧ରନ କରିଥିବା ବେଳେ ଅନୁଗୁଳ ମାତ୍ର ୩ ରନ କରିଥିଲା । ଫଳରେ ସମ୍ବଲପୁର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପିତାମହୁଲ ସରପଞ୍ଚ ଆକାଂକ୍ଷିତା ବଡ଼ିଆ ମୁଖ୍ୟଅତିଥି ଏବଂ ସ୍ୱେଚ୍ଛାସେବୀ କର୍ଣ୍ଣରାଜ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବଲପୁରର ରାହୁଲ ବିଶ୍ୱକର୍ମାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚରେ ସୁରେଶ ବିଶି ଓ ପ୍ରଶାନ୍ତ ମିଶ୍ର ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଚନ୍ଦ୍ରଶେଖର ପଧାନ ସ୍କୋରିଂ, ପରକ୍ଷୀତ କର୍ଣ୍ଣ ଅନ୍‌ଲାଇନ ସ୍କୋରିଂ ଏବଂ ବି.ଏସ. ରାଓ, ଏସ.ପି.ସିମରନ ଧାରା ବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ପୁଲ-ବି ମ୍ୟାଚ ଆୟୋଜକ ବିକଳପୁର ଓ ବୌଦ୍ଧ ମଧ୍ୟରେ ହେବ। ଏହି ମ୍ୟାଚର ବିଜେତା ଓ ବଲାଙ୍ଗୀର ମଧ୍ୟରେ କ୍ୱାର୍ଟର ଫାଇନାଲ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାଯାଇଛି।

## ସଂକ୍ଷେପରେ

### ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍

ଦେବଗଡ, ୪।୧(ଡି.ଏନ୍.ଏ): ଭାରତ ଫାଇନାନ୍ସିଆଲ ଇନକ୍ଲୁଜନ ଲିମିଟେଡରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଦେବଗଡ ଥାନା ଅନ୍ତର୍ଗତ କଦମଦର୍ହ - ସୁଲିଆ ରାସ୍ତାରେ ଥିବା ପୋଲ ନିକଟରୁ ୭୬ ହଜାର ୮୯୩ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହେବାପରେ ଦେବଗଡ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ ଭାରତ ଫାଇନାନ୍ସିଆଲ ଇନକ୍ଲୁଜନ ଲିମିଟେଡ ଦେବଗଡ଼ ଶାଖାରେ ସଂଘ ପରିଚାଳକ ଭାବେ କାର୍ଯ୍ୟ କରୁଥିବା ବୌଦ୍ଧ ଜିଲା ମନମୁଣ୍ଡା ଥାନା ବଉଳପୁର ଗ୍ରାମର ପୁରୁଷୋତ୍ତମ ମହାକୁଡ ସୁଲିଆ, କଦମଦରହ ଅଞ୍ଚଳରୁ କିସ୍ତି ଟଙ୍କା ଅସୁଲି କରି ନିଜ କାର୍ଯ୍ୟାଳୟକୁ ଫେରୁଥିଲେ। ସେହି ସମୟରେ କଦମଦରହ - ସୁଲିଆ ରାସ୍ତା ପୋଲ ନିକଟରେ ୩ଜଣ ଅଜଣା ଯୁବକ ଏକ କଳାରଙ୍ଗର ବାଇକ୍‌ରେ ଆସି ପୁରୁଷୋତ୍ତମଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ। ଭୁଜାଲି ଦେଖାଇ ଭୟଭୀତ କରି ଲୁଟ କରିଥିଲେ।

### ଦିନ ତମାମ କୁହୁଡି, ସାଧାରଣ ଜନଜୀବନ ପ୍ରଭାବିତ

କୁତ୍ରା, ୪।୧(ଡି.ଏନ.ଏ): ସୁନ୍ଦରଗଡ ଜିଲା କୁତ୍ରା ଅଞ୍ଚଳରେ କୁହୁଡି ସହିତ ଶୀତର ପ୍ରଭାବ ଦେଖିବାକୁ ମିଳୁଛି। ଗତ ୩ ଦିନ ହେବ ସମଗ୍ର କୁତ୍ରା ବ୍ଲକ ଅଞ୍ଚଳରେ ଦେଖାଦେଇଛି ଘନ କୁହୁଡି। ଏପରିକି ବୁଧବାର ଦିନତମାମ କୁହୁଡି ଲାଗି ରହିଥିବା ଦେଖିବାକୁ ମିଳିଥିଲା। କୁହୁଡି ଯୋଗୁ ସାଧାରଣ ଜନଜୀବନ ମଧ ପ୍ରଭାବିତ ହୋଇଥିବା ପରିଲକ୍ଷିତ ହୋଇଛି। ବିଳମ୍ବିତ ରାତିରେ ଆରମ୍ଭ ହେଉଥିବା କୁହୁଡି ସକାଳୁ ସକାଳୁ ଘନୀଭୂତ ହୋଇ ନିକଟତମ ଅଞ୍ଚଳ ମଧ ଦିଶୁ ନ ଥିଲା। ଫଳରେ ରାଜ୍ୟ ରାଜପଥ ଉପରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ଏପରିକି ସକାଳ ୯ ପର୍ଯ୍ୟନ୍ତ ଯାନବାହନଗୁଡିକ ହେଡ ଲାଇଟ ଜଳାଇବା ସହ ନିୟନ୍ତ୍ରିତ ଗତିରେ ଗାଡି ଚାଳନା କରୁଥିଲେ। ଦିନ ତମାମ କୁହୁଡି ଓ କୋହଲା ପାଗ ଯୋଗୁ ଲୋକେ ଦିନସାରା ଶୀତବସ୍ତ୍ର ପରିଧାନ କରିଥିବା ଦେଖିବାକୁ ମିଳିଥିଲା। ଅନ୍ୟ ପକ୍ଷରେ ୩ ଦିନ ଧରି ଲାଗି ରହିଥିବା ଏପରି ପାଗ ଯୋଗୁ ବିଶେଷ ଭାବେ ବୃଦ୍ଧାବୃଦ୍ଧ ଶାରୀରିକ ଭାବେ ଅସୁବିଧା ଭୋଗୁଛନ୍ତି। ଥଣ୍ଡା ପବନ ମଧ ବୋହୁଥିବା ଯୋଗୁ ବୟସ୍କ ବ୍ୟକ୍ତି ଘର ଭିତରେ ରହିବାକୁ ଶ୍ରେୟସ୍କର ମନେ କରୁଛନ୍ତି।

# ପୁଅକୁ ହତ୍ୟା କରିଥିଲେ ବାପା, ମାମୁ

- ରାଜଗାଙ୍ଗପୁରରେ ମିଳିଥିବା ଅଚିହ୍ନା ମୃତଦେହ ଚିହ୍ନଟ
- ହତ୍ୟା ଘଟଣାର ପର୍ଦ୍ଦାଫାଶ
- ଝାଡଖଣ୍ଡରୁ ଗିରଫ ହେଲେ ଅଭିଯୁକ୍ତ
- ହତ୍ୟାରେ ବ୍ୟବହୃତ ସାମଗ୍ରୀ ଜବତ

ରାଜଗାଙ୍ଗପୁର, ୪।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୋଲିସକୁ ନୂତନ ବର୍ଷରେ ଏକ ବଡ଼ ସଫଳତା ମିଳିପାରିଛି। ଜଣେ ଅଚିହ୍ନା ଯୁବକଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି। ଅଭିଯୁକ୍ତ ବାପା ଓ ଯୁବକଙ୍କ ସମ୍ପର୍କୀୟ ମାମୁଁଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ଗତ ୨ ତାରିଖ ସନ୍ଧ୍ୟା ସମୟରେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲକ୍ଷ୍ମୀପୋସ ପୋଲତଳେ ଜଣେ ଅଜଣା ଯୁବକଙ୍କ ମୃତ ଶରୀର ପଡିରହିଥିବାର ସ୍ଥାନୀୟ ଲୋକ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଯୁବକଙ୍କ ହାତ ଦୁଇଟା ବନ୍ଧା ହୋଇଥିବାବେଳେ ବେକରେ ଦାଗ ହୋଇଥିଲା। ପୋଲିସ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତ କରୁକରୁ ପୋଲକୁ ଲାଗିକରି ଥିବା ଝାଡ଼ଖଣ୍ଡ ରାଜ୍ୟ ଅଭିମୁଖେ ଯାତ୍ରାରମ୍ଭ


ଗିରଫ ୩ ଅଭିଯୁକ୍ତ ଓ ପୋଲିସ ଅଧିକାରୀ।

କରି ମୃତକଙ୍କ ଗ୍ରାମ ବାଉଁଶଜୋର ତରଗାଠାରେ ପହଞ୍ଚି ଘଟଣା ସମ୍ପର୍କରେ ଖୋଳତାଡ଼ କରିଥିଲା। ପରେ ମୃତକଙ୍କ ବାପା ବିମଲ ବାର୍ଲା ଓ ମାମୁଁ ଅଜିତ ବିଲୁଙ୍ଗ, ଜାକୋ କେରକେଟା ଉପରେ ସନ୍ଦେହ ହେବାରୁ ପୋଲିସ ସେମାନଙ୍କୁ ଆଣି ଜେରା କରିବା ପରେ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ମୃତକଙ୍କ ପିତା ବିମଲ ବାର୍ଲାଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କର ପୁଅ ମୃତ ନବୀନ ବାର୍ଲା ୧୮ ବର୍ଷ ଥିଲେ। ଦ୍ୱିତୀୟ ସ୍ତ୍ରୀଙ୍କର ମଧ ପିଲାମାନେ ଅଛନ୍ତି। ମୃତ ନବୀନ ଜମିବାଡି ଭାଗ ପାଇବା ପାଇଁ ଘରେ ଝଗଡା କରୁଥିଲେ। ୧ ତାରିଖ ନୂଆବର୍ଷ ଦିନ ବାପା ଓ ଦୁଇ ମାମୁ (ଦ୍ୱିତୀୟ ସ୍ତ୍ରୀଙ୍କ ଭାଇ) ତୋର ଭାଗ ଦେଇଦେବୁ କହି ଏକ ଟେମ୍ପୋ ନଂ ଜେଏଚ ୨୦ଇ ୯୧୦୧ରେ ଗ୍ରାମରୁ ବାହାରି ଏକ ଶୁନ୍‌ଶାନ୍ ରାସ୍ତାରେ ଆସିଥିଲେ। ନବୀନଙ୍କ ହାତ ଦୁଇଟିକୁ ବାନ୍ଧି ଦେଇଥିଲେ ଓ ଏକ ରଶି ସାହାଯ୍ୟରେ ତାର ଗଳାକୁ ଚିପି ହତ୍ୟା କରିଥିଲେ। ଗ୍ରାମଠାରୁ ପ୍ରାୟ ୫୦ କିଲୋ ମିଟର ଦୂରକୁ ଆସି ଓଡିଶାର ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲକ୍ଷ୍ମୀପୋସ ପୋଲତଳେ ଫିଙ୍ଗି ଚାଲିଯାଇଥିଲେ। ରାଜଗାଙ୍ଗପୁର ଥାନା ଅଧିକାରୀ ବିଭସ ପ୍ରଧାନ ଏହି ଘଟଣାରେ ସମ୍ପୃକ୍ତ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବ୍ୟବହୃତ ଟେମ୍ପୋ, ରଶି, ମୋବାଇଲ ଇତ୍ୟାଦି ଜବତ କରିଛନ୍ତି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ଏକ ପ୍ରେସମିଟ କରି ଏହା ପ୍ରକାଶ କରିଛନ୍ତି।

# ବ୍ଲକସ୍ତରୀୟ ହକି: ଝାରବେଡ଼ା ଚାମ୍ପିୟନ


କୁତ୍ରା ବ୍ଲକସ୍ତରୀୟ ହକି ପ୍ରତିଯୋଗିତାରେ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

କୁତ୍ରା, ୪।୧(ଡି.ଏନ.ଏ.)

ହକି ବିଶ୍ୱକପକୁ ନେଇ ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଲିଟିବେଡ଼ା ଖେଳ ପଡ଼ିଆରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବ୍ଲକସ୍ତରୀୟ ହକି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଝାରବେଡ଼ା ଚାମ୍ପିୟନ ହୋଇଛି। ରାଉରକେଲା ଠାରେ ଆସନ୍ତା ୧୩ ତାରିଖରୁ ପୁରୁଷ ହକି ବିଶ୍ୱକପ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ପ୍ରଶାସନ ପକ୍ଷରୁ ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ କରାଯାଉଛି। ବୁଧବାର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ବିଧାୟକ ଡ଼. ସି.ଏସ. ରାଜନ ଏକ୍କା ଯୋଗ ଦେଇଥିଲେ। ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ହକିର ଏନ୍ତୁଡ଼ିଶାଳ କୁହାଯାଉଥିବା ଏହି ସୁନ୍ଦରଗଡ଼ ମାଟିର ନାଁ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ତାଙ୍କ ସହିତ ବ୍ଲକ ଅଧକ୍ଷା ଶାନ୍ତିଲତା ଲାକ୍ରା, ଉପାଧ୍ୟକ୍ଷ କୌସ୍ତୁବ ଭୂଷଣ ହୋତା, କଂଗ୍ରେସ ବ୍ଲକ ସଭାପତି ସନ୍ତୋଷ ବେହେରା, ୧୬ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ ଝାରବେଡା ଓ ଜ୍ଞାନପାଲି ମଧରେ ସଂଘର୍ଷପୂର୍ଣ୍ଣ ଭାବରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରବେଡା ୧-୦ ଗୋଲରେ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ କୋଡିଏ ହଜାର ସହିତ ଟ୍ରଫି, ମେଡାଲ ଏବଂ ହକି ଖେଳର ସମସ୍ତ ସାମଗ୍ରୀ ପୁରସ୍କୃତ କରାଯାଇଥିବାବେଳେ ଉପ ବିଜେତା ଦଳକୁ ଦଶ ହଜାର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ପଞ୍ଚାୟତରୁ ୧୫ଟି ହକି ଦଳ ଯୋଗଦେଇଥିଲେ।

### ଜୁଆଆଡ୍ଡାରେ ଚଢାଉ, ୬ ଧରାପଡ଼ିଲେ

ସୁନ୍ଦରଗଡ଼,୪।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ବୁଧବାର ସନ୍ଧ୍ୟାରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୬ଜଣ ଜୁଆଡିଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ପୋଲିସ ନଗଦ ଟଙ୍କା ୩୦ହଜାର ୯୦୦ ଏବଂ ୮ଟି ବାଇକ ଜବତ କରିଛି। ଚଢାଉ ବେଳେ ଅନ୍ୟ ଜୁଆଡିମାନେ ସେଠାରୁ ଦୌଡି ଫେରାର୍ ହୋଇଯାଇଥିଲେ।

### ଦ୍ୱିତୀୟ ବିବାହ କରି ଜେଲଗଲେ ସ୍ୱାମୀ

ଦେଓଗାଁ, ୪।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଅର୍ଡା ଗ୍ରାମର ଜଣେ ବିବାହିତା ଯୁବକ ସ୍ତ୍ରୀ ଓ ପିଲା ଥାଇ ଜଣେ ବିବାହିତା ମହିଳାଙ୍କୁ ପ୍ରେମ କରି ଜେଲ ଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ବିଜୟ


@ ସଞ୍ଜୟ


@ ସିଦ୍ଧାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୈନିକ ବଜାର ଟେଣ୍ଡରରେ ଅନିୟମିତତା ଅଭିଯୋଗ

ଦେବଗଡ଼,୪।୧(ଡି.ଏନ.ଏ)

ଦେବଗଡ଼ ପୌରାଞ୍ଚଳର ଦୈନିକ ବଜାର ପାଇଁ ଗତ ୨୦୨୨ମସିହା ମଇ ମାସ ୧୮ ତାରିଖ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଏବଂ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଟେଣ୍ଡର ଫିକ୍ସିଂ ହୋଇଥିବା ଦର୍ଶାଇ ଏହାକୁ ବାତିଲ କରିବାକୁ ବୁଧବାର ପୌର ପରିଷଦର ୭ କାଉନସିଲର ଦାବି ଜଣାଇଛନ୍ତି। ପୌର ପରିଷଦର ଉପାଧ୍ୟକ୍ଷ ତଥା ୪ନମ୍ବର ୱାର୍ଡର ଭାଜପା କାଉନସିଲର ପ୍ରଜିତ କୁମାର ଭୋଜ(ଝୁନୁ)ଙ୍କ ନେତୃତ୍ୱରେ ୭ ନମ୍ବର ୱାର୍ଡର କାଉନସିଲର ପିଙ୍କି ସାହୁ, ୮ ନମ୍ବର ୱାର୍ଡର କାଉନସିଲର ମଧୁସୂଦନ

### ଟେଣ୍ଡର ବାତିଲ ପାଇଁ ଦାବି କଲେ ଉପାଧ୍ୟକ୍ଷଙ୍କ ସମେତ ୭ କାଉନସିଲର



ବାଘ, ୯ ନମ୍ବର ୱାର୍ଡର କାଉନସିଲର ସରୋଜିନୀ ମୁଣ୍ଡା, ୧୦ ନମ୍ବର ୱାର୍ଡର କାଉନସିଲର ଇତିଶ୍ରୀ ମିଶ୍ର, ୧୧ ନମ୍ବର ୱାର୍ଡର କାଉନସିଲର କାର୍ତ୍ତିକ ମହାକୁଳ ଓ ୬ ନମ୍ବର ୱାର୍ଡର କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଉପରୋକ୍ତ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଏବଂ ଫିକ୍ସିଂ ହୋଇଥିବା ନେଇ ସେମାନେ ତତ୍କାଳୀନ ନିର୍ବାହୀ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହାକୁ ବାତିଲ କରିବା ପାଇଁ ସେମାନେ ମିଳିତ ଭାବେ ଦାବି କରିଥିଲେ । ମାତ୍ର ସେମାନଙ୍କ କଥାକୁ କର୍ଣ୍ଣପାତ କରା ନ ଯାଇ ଏଗ୍ରିମେଣ୍ଟ କରାଯାଇଥିବା ସେମାନେ ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରିବା ସହ ପରବର୍ତ୍ତୀ ସମୟରେ ଉକ୍ତ ବେଆଇନ ଏଗ୍ରିମେଣ୍ଟର ମଧ ଖିଲାପ କରାଯାଇଥିବା ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଟେଣ୍ଡରର ଏଗ୍ରିମେଣ୍ଟ ଅନୁଯାୟୀ ଧାର୍ଯ୍ୟ ତାରିଖ ମଧରେ ଧାର୍ଯ୍ୟ ଟଙ୍କା ଜମା ନ କରି ଚୁକ୍ତିର ଖୋଲାଖୋଲି ଉଲ୍ଲଘଂନ କରିଥିବା ଦର୍ଶାଇ ଉକ୍ତ ଟେଣ୍ଡରକୁ ବାତିଲ କରିବାସହ ଟେଣ୍ଡରର(ଠିକାଦାର) ବିରୁଦ୍ଧରେ ଥାନାରେ ଏତଲା ଦିଆଯିବା ଏବଂ ଏହି ଦୁର୍ନୀତିରେ ସମ୍ପୃକ୍ତ ଅନ୍ୟ ଖିଲାପକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୌର ପରିଷଦକୁ ଦୁର୍ନୀତିମୁକ୍ତ କରିବାକୁ ସେମାନେ ଲିଖିତ ଦାବି କରିଛନ୍ତି। ଏଥିସହ ଏହି ସ୍ମାରକପତ୍ରର ନକଲ ରାଉରକେଲା ସ୍ଥିତ ଭିଜିଲାନ୍ସ ବିଭାଗ ଏସ୍.ପି, ଦେବଗଡ ଜିଲାପାଳ ଓ ଜିଲା ମାଜିଷ୍ଟ୍ରେଟ ଏବଂ ଗୃହ ଏବଂ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ ନିକଟଙ୍କୁ ପ୍ରେରଣ କରାଯାଇଥିବା ଜଣାପଡିଛି । ବର୍ତ୍ତମାନ ଦେବଗଡ଼ ପୌରପାଳିକାରେ ବିଭିନ୍ନ ପ୍ରକାର ଦୁର୍ନୀତି ଚାଲିଛି। କାମ ନାମରେ କୋଟିକୋଟି ଟଙ୍କା ହଡ଼ପ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି।

# ଶୀତଳଙ୍କୁ ଶ୍ରେଷ୍ଠ ଚିତ୍ରଶିଳ୍ପୀ ପୁରସ୍କାର

ସୁନ୍ଦରଗଡ଼,୪।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ସହରର ପ୍ରତିଷ୍ଠିତ କଳା ଅନୁଷ୍ଠାନ 'କଳାୟତ ସ୍କୁଲ ଅଫ୍ ଆର୍ଟ ଓ କଳାୟତନ କଲେଜ ଅଫ୍ ଆର୍ଟ ଏଣ୍ଡ କ୍ରାଫ୍ଟସର ମୁଖ୍ୟ ପୁରୋଧା ବିଶିଷ୍ଟ ଚିତ୍ରଶିଳ୍ପୀ ଶୀତଳ କୁମାର ମହାପାତ୍ରଙ୍କୁ ରାଜ୍ୟସ୍ତରୀୟ 'ଶ୍ରେଷ୍ଠ ଚିତ୍ରଶିଳ୍ପୀ -୨୦୨୨' ପୁରସ୍କାର ମିଳିଛି। ଗତ ୨୯ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପ ପ୍ରେକ୍ଷାଳୟଠାରେ ଆୟୋଜିତ ସମାରୋହରେ ଶିଳ୍ପୀ ମହାପାତ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ରାଜ୍ୟସ୍ତରୀୟ ସାହିତ୍ୟ ଅନୁଷ୍ଠାନ 'ବନ୍ଧୁ ଘର ସାହିତ୍ୟ ପିଣ୍ଡା'ର ବାର୍ଷିକ ଉତ୍ସବ ପାଳନ ଅବସରରେ ଓଡ଼ିଶାର ବହୁ ବରିଷ୍ଠ ପ୍ରତିଷ୍ଠିତ ସାହିତ୍ୟିକ ଓ ସାହିତ୍ୟପ୍ରେମୀଙ୍କ ଉପସ୍ଥିତିରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉକ୍ତ ସଭା ମଞ୍ଚରେ ବରିଷ୍ଠ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୂତି ପଟ୍ଟନାୟକ, ସ୍ୱାମୀ ସୁଧାନନ୍ଦ ସରସ୍ୱତୀ, ଦାଶ ବେନେହୂରଙ୍କ ଭଳି ଅନେକ ସାହିତ୍ୟିକ, ଓଡ଼ିଶାର କୋଣଅନୁକୋଣରୁ ବିଭିନ୍ନ କ୍ଷେତ୍ରରୁ ବଛାଯାଇଥିବା ବିଶିଷ୍ଟ ସାରସ୍ୱତ ପ୍ରତିଭାଧାରୀଙ୍କୁ ସମ୍ମାନିତ, ସମ୍ବର୍ଦ୍ଧିତ କରାଯାଇଥିଲା। ସୁନ୍ଦରଗଡ଼ ତଥା ପଶ୍ଚିମ ଓଡ଼ିଶାରେ ଚିତ୍ରକଳା ଓ ହସ୍ତକଳା ବିକାଶ କ୍ଷେତ୍ରରେ ନିରବଚ୍ଛିନ୍ନଭାବେ ଗତ ୩୭ ବର୍ଷ ଧରି ତାଙ୍କର ପ୍ରଚେଷ୍ଟାକୁ ସ୍ୱୀକୃତି ଜଣାଇ ଶିଳ୍ପୀ ମହାପାତ୍ରଙ୍କୁ ଶ୍ରେଷ୍ଠ ଚିତ୍ର ଶିଳ୍ପୀ-୨୦୨୨ ଭାବେ ପୁରସ୍କୃତ କରାଯାଇଥିଲା। ବନ୍ଧୁ ଘର ସାହିତ୍ୟ ପିଣ୍ଡାର ପ୍ରତିଷ୍ଠାତା ବୈଷ୍ଣବ ଚରଣ ମହାନ୍ତି ଓ ଅନ୍ୟ ସଦସ୍ୟଙ୍କ ଏଭଳି ନିଆରା ଉଦ୍ୟମ ପାଇଁ ସାହିତ୍ୟିକ, ସାହିତ୍ୟପ୍ରେମୀ ପ୍ରଶଂସା କରିଥିଲେ।

# ବିଶିଷ୍ଟ କ୍ରୀଡ଼ାବିତ୍, ରେଫ୍‌ରି, ଜନପ୍ରତିନିଧିଙ୍କୁ ପାସ୍ ଦିଆଯାଉ

### ବିଶ୍ୱକପ୍ ହକି ଖେଳ ଦେଖିବାକୁ ସୁଯୋଗ ସୃଷ୍ଟି କରାଯାଉ ବୋଲି ବରିଷ୍ଠ ନାଗରିକଙ୍କ ମତ

ବଡ଼ଗାଁ, ୪।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହକି ଖେଳର ଏନ୍ତୁଡ଼ିଶାଳ ହୋଇଥିବାରୁ ଏହି ଜିଲାରେ ହକିର ବିକାଶ ପାଇଁ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି କାରଣରୁ ସୁନ୍ଦରଗଡ଼ ଜିଲାରେ ହକି ବିଶ୍ୱକପ୍ ସକାଶେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଏହି ଜିଲାକୁ ଗୁରୁତ୍ୱଦେଇ ଏଠାରେ ବିଶ୍ୱର ସର୍ବବୃହତ୍ତ ହକି ଷ୍ଟାଡ଼ିୟମ ନିର୍ମାଣ ସହ ବିଶ୍ୱକପ ହକି ଖେଳ ହେବାକୁ ଯାଉଛି। ବିଶ୍ୱ କପ୍‌ର ସଫଳ ଆୟୋଜନ ଲକ୍ଷ୍ୟରେ ବିମାନବନ୍ଦର ବିକଶିତ ହୋଇଛି। ସବୁ ଚାଲିଛି ସତ, ହେଲେ କେତୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପେକ୍ଷିତ ହୋଇଗଲା ଭଳି ମନେ ହେଉଛି ବୋଲି ବରିଷ୍ଠ ନାଗରିକ କହିଛନ୍ତି। ସେଗୁଡ଼ିକ ଦୃଷ୍ଟି ଦେବାର ବେଳ ଆସିଛି। କେବଳ ସୁନ୍ଦରଗଡ଼ ଜିଲାରେ ଅନ୍ତର୍ଜାତୀୟ ହକି, ଅଲିମ୍ପିକ୍ସ, ରାଷ୍ଟ୍ରୀୟ ହକି, ରାଜ୍ୟସ୍ତରୀୟ


ବରିଷ୍ଠ ନାଗରିକ ରାମଚନ୍ଦ୍ର ନାୟକ

ହକିଖେଳରେ ଖେଳିଥିବା, ପ୍ରତିନିଧିତ୍ୱ କରିଥିବା, ସୁନାମ ଅର୍ଜନ କରିଥିବା ଖେଳାଳି ଉଭୟ ପୁରୁଷ ଓ ମହିଳାଙ୍କ ସଂଖ୍ୟା ପାଖାପାଖି ୨୦୦ଜଣ ଅଛନ୍ତି। ସେମାନଙ୍କ ଜୀବନସାଥିଙ୍କୁ ମିଶାଇଲେ ପ୍ରାୟ ୪୦୦ ହେବ। ଗତ ୩୦ ବର୍ଷ ଧରି ସୁନ୍ଦରଗଡ଼ ଜିଲାରେ ହକି ଖେଳକୁ ପ୍ରୋତ୍ସାହିତ, ଦିଗଦର୍ଶନ ଓ ସହଯୋଗ କରିଥିବା ସୁନ୍ଦରଗଡ଼ ଜିଲାର ଖେଳ ଅଧିକାରୀ, କୋଚ୍, ବିଭିନ୍ନ ଖେଳରେ ଅର୍ଜୁନ ପୁରସ୍କାର ପାଇଥିବା ଖେଳାଳି ଓ ବିଶିଷ୍ଟ ରେଫରୀଙ୍କୁ ମିଶାଇଲେ ୧୦୦ଜଣ ଅଛନ୍ତି। ଏହିପରି ପ୍ରାୟ ୫୦୦ଜଣଙ୍କୁ ସମ୍ମାନର ସହିତ ନିମନ୍ତ୍ରଣ କରି ବିଶ୍ୱକପ୍ ହକି ମ୍ୟାଚ୍ ଦେଖିବାର ସୁଯୋଗ ଦିଆଯିବା ଉଚିତ ବୋଲି ବଡ଼ଗାଁ ଅଞ୍ଚଳର ବରିଷ୍ଠ ନାଗରିକ ରାମଚନ୍ଦ୍ର ନାୟକ ମତଦେଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ତାଙ୍କ ଜାଣିବାରେ ଆଜି ସୁଦ୍ଧା ଓଡ଼ିଶା ସରକାରଙ୍କ ତରଫରୁ, ଜିଲା ପ୍ରଶାସନ ତରଫରୁ କିମ୍ବା ହକି ଇଣ୍ଡିଆ ତରଫରୁ ସୁନ୍ଦରଗଡ଼ ଜିଲାର ସମସ୍ତ ହକି ତାରକାମାନଙ୍କୁ ଯୋଗାଯୋଗ କରାଯାଇନାହିଁ। ସେମାନଙ୍କୁ ସସମ୍ମାନେ ଡକାଯାଉ। ଏତଦ୍‌ବ୍ୟତୀତ ସୁନ୍ଦରଗଡ଼ ଜିଲାର ସମସ୍ତ ସାଂସଦ, ବିଧାୟକ, ବିଧାୟିକା, ଜିଲା ପରିଷଦ ସଭାପତି, ଜିଲାପରିଷଦ ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ପଞ୍ଚାୟତ ସମିତି ସଭ୍ୟ, ସରପଞ୍ଚ, ପଞ୍ଚାୟତ ସମିତି, ୱାର୍ଡ ସଭ୍ୟଙ୍କୁ ଫ୍ରି ପାସ୍ ଦେଇ ନିମନ୍ତ୍ରଣ କରି ବିଶ୍ୱକପ୍ ହକି ମ୍ୟାଚ ଦେଖିବା ସୁଯୋଗ ସୃଷ୍ଟି ହେବା ଉଚିତ ବୋଲି ବରିଷ୍ଠ ନାଗରିକ ନାୟକ କହିଛନ୍ତି। ଏହା ଦ୍ୱାରା ସୁନ୍ଦରଗଡ଼ ଜିଲାବାସୀ ଆନନ୍ଦିତ ହେବେ। ସରକାରଙ୍କ ପାଇଁ ଏହା ଏକ ସୁଯୋଗ। ସରକାର, ଜିଲା ପ୍ରଶାସନ ଓ ହକି ଇଣ୍ଡିଆ ଏ ସୁଯୋଗକୁ ହାତଛଡ଼ା କରିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

# ଶସ୍ୟକଳା ହକି ଦଳ ଚାମ୍ପିୟନ

ଲହୁଣୀପଡା,୪।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ବଡ ପୁରୁଣାପାଣିସ୍ଥିତ ମିନିଷ୍ଟାଡିୟମଠାରେ ବିଶ୍ୱକପ ହକି ପ୍ରତିଯୋଗିତା ଉପଲକ୍ଷେ ବୁଧବାର ଦୁଇ ଦିନିଆ ବ୍ଲକସ୍ତରୀୟ ହକି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର ଯୋଗଦେଇଥିଲେ। ବିଡ଼ିଓ ଧାନାଇ ଚରଣ ଟୁଡୁଙ୍କ ଅଧକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଏବିଡ଼ିଓ ଟୁକା ଓରାମ ଉପସ୍ଥିତ ଥିଲେ। ବଡ ପୁରୁଣାପାଣି ସରପଞ୍ଚ ଟାଙ୍ଗ ଓରାମ ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଥମେ ଅତିଥିମାନଙ୍କୁ ପାରମ୍ପାରିକ ବାଦ୍ୟ ନୃତ୍ୟର ତାଳେ ତାଳେ ମଞ୍ଚ ନିକଟକୁ ପାଛୋଟି ନେବା ସହିତ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଟୁର୍ନାମେଣ୍ଟରେ ୧୨ଟି ହକି ଦଳ ଅଂଶଗ୍ରହଣ କରିଥିବାବେଳେ ଏହାର ଫାଇନାଲ ଖେଳରେ ଶସ୍ୟକଳା ହକି ଦଳ ୪ -୧ ଗୋଲରେ ଫୁଲଝର ହକି ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ଅତିଥିମାନେ ବିଜେତା ଉପ ବିଜେତା


ଲହୁଣୀପଡ଼ା ବ୍ଲକସ୍ତରୀୟ ହକି ପ୍ରତିଯୋଗିତାରେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

### ବ୍ଲକସ୍ତରୀୟ ହକି ପ୍ରତିଯୋଗିତା ଉଦ୍‌ଯାପିତ

ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ। ଲିଲି ମାଧୁରୀ ବାର୍ଲା, ମୁକୁଟ ମୁଣ୍ଡା, ସାମସନ ବାଙ୍କିରା, ସିମୁନ ବାର୍ଲା, ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଶେଷରେ ବଡ଼ ପୁରୁଣାପାଣି ସମିତି ସଭ୍ୟ ସୁଶାନ୍ତ ମୁଣ୍ଡାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଲହୁଣୀପଡ଼ା ପଞ୍ଚାୟତ ସରପଞ୍ଚ ନେଲସନ ହେମ୍ରମ, ରାଜାମୁଣ୍ଡା ମାଳତୀ କିଷାନ, ଦର୍ଜିଂ ସରପଞ୍ଚ ସିଂ ରାୟ ମୁଣ୍ଡା, କଲେଇପୋଷ ସରପଞ୍ଚ ଶାନ୍ତି ଓରାମ, ଶସ୍ୟକଳା ସରପଞ୍ଚ ଏମଲେନ ଭୂୟାଁ, ଫୁଲଝର, ସରପଞ୍ଚ ରାଇବାରୀ ମୁଣ୍ଡା, ତାଳ ବାହାଲି ସରପଞ୍ଚ ରଶ୍ମିତା ସାଣ୍ଡିଲ, ଦର୍ଜୀଂ ସମିତି ସଭ୍ୟା କୁନି ମୁଣ୍ଡା, ରାଜାମୁଣ୍ଡା ସମିତି ସଭ୍ୟ ଅଶୋକ ବେହେରା, ଲହୁଣୀପଡା ସମିତି ସଭ୍ୟା ଲକ୍ଷ୍ମୀ କିଷାନ, କାର୍ଯ୍ୟନିର୍ବାହୀ ସମା କେର୍କେଟା, କିରଣମୟୀ ବେହେରା, ଧରିତ୍ରୀପ୍ରିୟା ଦାସ, ରୂବେନ ତିର୍କୀ, ଆବ୍ରାହମ ବାହାଲା, ନୃସିଂହ ବରାଳ, ଦ୍ରୌପଦୀ ମାହାନ୍ତ ,ଜିପିଓ ଜଗଦୀଶ ଓରାମ, ଡବ୍ଲ୍ୟୁଇଓ ଭାଗବତ ଟୁଡୁ, ବ୍ଲକ ହକି ନୋଡାଲ ଅଧିକାରୀ ସୁଧୀର କୁମାର ଜେନା ପ୍ରମୁଖଙ୍କ ସମେତ ବ୍ଲକ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବା କରିଥିଲେ।

